ISSN 0973-3264

# ସପ୍ତର୍ଷି

ଚତୁର୍ଥ ସଂଖ୍ୟା – ୨୦୧୯

(ଅକ୍ଟୋବର – ଡିସେମ୍ବର)



ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରକାଶନ

Scanned by CamScanner

ISSN 0973-3264

SAMBALPUR UNIVERSITY

# ସପ୍ତର୍ଷି

ଉଚ୍ଚାଙ୍ଗ ସାହିତ୍ୟ ଚୟନିକା

ପ୍ରତିଷ୍ଠା - ଜାନୁଆରୀ, ୧୯୭୨

ଚତୁର୍ଥ ସଂଖ୍ୟା - ୨୦୧୯
(ଅକ୍ଟୋବର-ଡ଼ିସେମ୍ବର)

ମୁଖ୍ୟ ସଂପାଦକ
ପ୍ରଫେସର ଦୀପକ କୁମାର ବେହେରା

ପରିଚାଳନା ସମ୍ପାଦକ
ଡକ୍ଟର ଶୁକମୁନି ମେହେର

ସଂପାଦନା ମଣ୍ଡଳୀ
ଡକ୍ଟର ନାକୁ ହାଁସଦାଃ
ଡକ୍ଟର ଆଲୋକା ପଟେଲ
ଡକ୍ଟର ବାନାର୍ଜୀ ବେହେରା
ଡକ୍ଟର ସିଦ୍ଧାର୍ଥ ପଣ୍ଡା

ମୂଲ୍ୟ - ୫୦ଟଙ୍କା

Scanned by CamScanner

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| | **ପ୍ରବନ୍ଧ ଓ ସମାଲୋଚନା ବିଭାଗ :-** | | |
| ୧- | ମିଥ୍ ପୁନଃନିର୍ମାଣରେ 'ବସୁଷେଣ' | ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରହୀ | ୧ |
| ୨- | ମୌଖିକ ଗୁପ୍ତଭାଷା | ପ୍ରଫେସର କଇଳାଶ ପଟ୍ଟନାୟକ | ୧୩ |
| ୩- | ଗୌତମ ବୁଦ୍ଧ ଓ ଓଡ଼ିଆ ନାଟକ | ଡକ୍ଟର ଲକ୍ଷ୍ମଣ କୁମାର ପ୍ରଧାନ | ୧୯ |
| ୪- | ଓଡ଼ିଆ ଅନୁବାଦ ସାହିତ୍ୟ ଓ ଗୋପୀନାଥ ମହାନ୍ତି | ଡ. ପ୍ରସନ୍ନ କୁମାର ସ୍ୱାଇଁ | ୨୩ |
| ୫- | ସ୍ପିନୋଜୀୟ ଜୀବନ ଓ ଦର୍ଶନର ଦୀପ୍ତିରେ ଚିରଙ୍ଗଜନ | ଡକ୍ଟର ମଣୀନ୍ଦ୍ର କୁମାର ମେହେର | ୩୦ |
| ୬- | ଅଶୀ ପରବର୍ତ୍ତୀ ଓଡ଼ିଆ କବିତାରେ ମାଟିର ଅସ୍ମିତା ଓ ମାନବତାର ଅନ୍ତଃସ୍ୱର | ସୌଭାଗ୍ୟବନ୍ତ ମହାରଣା | ୩୪ |
| ୭- | ମୋ ଅଞ୍ଚଳର କବିଙ୍କ କବିତାରେ ଗ୍ରାମୀଣ ଚେତନା | ଡକ୍ଟର ଗୌରୀଦାସ ପଧାନ | ୪୨ |
| ୮- | ପଶ୍ଚିମ ଓଡ଼ିଶାର ପ୍ରଥମ ସାଧୀନତା ସଂଗ୍ରାମୀ ନାରୀ ନେତ୍ରୀ ଜମ୍ବୁବତୀ | ଡକ୍ଟର ଶୁକମୁନି ମେହେର | ୪୮ |
| ୯- | ସାରଳା ମହାଭାରତରେ ପ୍ରାକୃତ ଶବ୍ଦ : ଏକ ବ୍ୟୁତ୍ପତ୍ତିଗତ ଅଧ୍ୟୟନ | ଡକ୍ଟର କଳ୍ପତରୁ ନାୟକ | ୬୧ |
| ୧୦- | ଉତ୍ତର ଆଧୁନିକତା ପରିପ୍ରେକ୍ଷୀରେ ଓଡ଼ିଆ ନାଟକ | ଡକ୍ଟର ଲିପିକା ମିଶ୍ର | ୬୮ |
| ୧୧- | ୧୯୮୦ ପରବର୍ତ୍ତୀ ସାହିତ୍ୟସ୍ରଷ୍ଟା କୈନ୍ଦ୍ରିକ ଓଡ଼ିଆ ରଚିତ ନାଟକ | ମନୀଷା ସାହୁ | ୭୩ |
| ୧୨- | 'ଅମାବାସ୍ୟାର ଚନ୍ଦ୍ର' ଉପନ୍ୟାସରେ କାଉଲ୍ ଚରିତ୍ରର ଅସ୍ତିତ୍ୱ | ଖଗେଶ୍ୱର ମେହେର | ୮୫ |
| ୧୩- | ମହାପାତ୍ର ନୀଳମଣି ସାହୁଙ୍କ ଆତ୍ମଜୀବନୀମୂଳକ ଗଳ୍ପ | ରଶ୍ମିତା ସାହୁ | ୯୦ |
| ୧୪- | ବିବର୍ତ୍ତିତ ସମୟ ଦର୍ପଣରେ ରେବତୀମାନେ | ସୌରଭ ରଂଜନ ଖମାରୀ | ୯୮ |
| ୧୫- | ଉତ୍ତରଅଶୀ ବାମାବାଦୀ କବି : ସର ସାକ୍ଷର | ଅଧ୍ୟାପିକା ନଳିନୀ ବେହେରା | ୧୦୨ |
| ୧୬- | ଓଡ଼ିଆ ବୈଜ୍ଞାନିକ ଉପନ୍ୟାସ : ଏକ ବିହଙ୍ଗାବଲୋକନ | ନିବେଦିତା ପଣ୍ଡା | ୧୦୮ |
| ୧୭- | ଆଧୁନିକ ଓଡ଼ିଆ କବିତାର କାବ୍ୟିକ ପୁନର୍ବିନ୍ୟାସ | ସସ୍ମିତା କୁମାରୀ ପାତ୍ର | ୧୧୨ |
| ୧୮- | ପ୍ରଥମ ସୃଷ୍ଟି - ଫଟାକପାଳ | ଅଶ୍ୱିନୀ କୁମାର ପଣ୍ଡା | ୧୨୧ |
| ୧୯- | ମଣୀନ୍ଦ୍ର କୁମାର ମେହେରଙ୍କ 'ସୃଜନ ସନ୍ଦେଶ' : ଏକ ସମୀକ୍ଷା | ମାଧବାନନ୍ଦ ପାତ୍ର | ୧୨୭ |


Scanned by CamScanner

# ପଶ୍ଚିମ ଓଡ଼ିଶାର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ନାରୀ ନେତ୍ରୀ ଜମ୍ବୁବତୀ

ଡକ୍ଟର ଦ୍ରୁକମୁନି ମେହେର

ପରାଧୀନତାର ଶୃଙ୍ଖଳାରୁ ମୁକ୍ତି ପାଇବା ଲାଗି ଅହରହ ମଣିଷ ବ୍ୟାକୁଳ ହୋଇଛି । ଯେତେଦିନଠାରୁ ମଣିଷ ସ୍ୱାଧୀନଚେତା ହୋଇଛି ସେତେ ଦିନଠାରୁ ସେ ପରାଧୀନତାର ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ସତତ ଚେଷ୍ଟିତ ହୋଇଛି । ନିଜର ମାତୃଭୂମିକୁ ବିଦେଶୀମାନଙ୍କ କବଳରୁ ରକ୍ଷା କରିବା ପାଇଁ ଏ ଭାରତବର୍ଷର କେତେ ଯେ ବୀର ସନ୍ତାନ ଜନ୍ମ ହୋଇ ନିଜର ଜୀବନକୁ ଉତ୍ସର୍ଗ କରିଛନ୍ତି ସେ କଥା ଇତିହାସ ମଧ୍ୟ ତା'ର ପୃଷ୍ଠାରେ ଧରି ରଖିପାରି ନାହିଁ ।

ଦୀର୍ଘ ଉଣିଶହ ବର୍ଷର ପରାଧୀନତା ପରେ ଭାରତବର୍ଷ ସ୍ୱାଧୀନତା ଲାଭ କରିଛି ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ସତତ ପ୍ରୟାସ ଫଳରେ । ମହାତ୍ମା ଗାନ୍ଧୀ ଭାରତୀୟ ଜାତୀୟ ମୁକ୍ତି ସଂଗ୍ରାମର ପ୍ରାଣ ପ୍ରତିଷ୍ଠାତା । ତାଙ୍କର ପ୍ରେରଣାରେ ଭାରତର ଲକ୍ଷ ଲକ୍ଷ ଜନତା ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ଜୀବନରେ କଣ୍ଟକିତ ପଥକୁ ବରଣ କରିଥିଲେ ।

ମହାତ୍ମା ଗାନ୍ଧି ଓ କସ୍ତୁରବା ଗାନ୍ଧିଙ୍କ ବାଣୀ ଓ ଆଦର୍ଶରେ ପ୍ରଭାବିତ ହୋଇ ନିଜ ସ୍ୱାମୀ ଭାଗିରଥୀ ପଟ୍ଟନାୟକଙ୍କ ସହ ସ୍ୱାଧୀନତା ସଂଗ୍ରାମରେ ଡାଏ ଦେଲେ ଜମ୍ବୁବତୀ ।

୧୮୮୬ ମସିହା ନଭେମ୍ବର ୯ ତାରିଖ ଦିନ ବିନିକାରେ ଜନ୍ମଗ୍ରହଣ କରିଥିଲେ ଜମ୍ବୁବତୀ । କେଉଁ ଏକ ଶୁଭଲଗ୍ନରେ ଜନ୍ମ ହୋଇଥିଲା ବୋଲି ତାଙ୍କର ଶୁଭ ପରିଣୟ ହେଲା ବରପାଲିର ଜଣେ ଉଦ୍ୟମୀ, ଉତ୍ସାହୀ ଓ କରିତ୍‌କର୍ମା ଯୁବକ ଭାଗିରଥି ପଟ୍ଟନାୟକଙ୍କ ସହିତ । ଜମ୍ବୁବତୀଙ୍କ ମନରେ ଅସୁମାରୀ ସ୍ୱପ୍ନ । ନିଜକୁ ନେଇ, ନିଜର ପରିବାରକୁ ନେଇ, ମନେ ଭାବିଥିଲେ ଗୃହିଣୀ ହୋଇ ସୁନ୍ଦର ଘରଟିଏ କରିବେ, ଛୋଟ ପରିବାରଟିକୁ ନିଜର ହାତରେ ଗଢ଼ି ତୋଳିବେ । କିନ୍ତୁ କିଏ ଜାଣିଥିଲା ତାଙ୍କର ପରିବାରଟିର ପରିକଳ୍ପନା ସମଗ୍ର ଭାରତବର୍ଷକୁ ଏକ ପରିବାର ଭାବରେ ଗଢ଼ି ତୋଳିବା ପାଇଁ ତାଙ୍କ ହୃଦୟରେ ସ୍ୱପ୍ନଟିଏ ହୋଇ ଉଙ୍କି ମାରିବ । ତାହା ହିଁ ହେଲା । ସମଗ୍ର ଭାରତବର୍ଷର ସନ୍ତାନ ସନ୍ତତିଙ୍କୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତି ପ୍ରଦାନ କରିବା ପାଇଁ ମୁଣ୍ଡ ଉପରେ ଅଣ୍ଟା ଭିଡ଼ି ବାହାରି ପଡ଼ିଲେ ଜମ୍ବୁବତୀ । ଭାଗିରଥି ପଟ୍ଟନାୟକ ପାଟଣା ମହାରାଜାଙ୍କ ପ୍ରାଇଭେଟ୍ ସେକ୍ରେଟେରୀ ଥିବା ସମୟରେ ରାଜାଙ୍କ ଅନ୍ୟାୟ କାର୍ଯ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ହେଲେ ରାଜଦ୍ରୋହୀ ଓ ବର୍ଷେ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡର ଶିକାର । ସେହିଦିନୁ ଜମ୍ବୁବତୀଙ୍କ ମନ ବିଦ୍ରୋହ କରି ଉଠିଥିଲା । ସଂଗ୍ରାମର ବୀଜ ସେହିଦିନଠାରୁ ହିଁ ପୋତି ହୋଇ ସାରିଥିଲା । ଗୋଟିଏ ବର୍ଷ ପରେ ଜେଲରୁ ବାହାରିଲେ ଭାଗିରଥି ଓ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ହେଲେ କଂଗ୍ରେସ କର୍ମୀ । ପ୍ରଥମେ ଜମ୍ବୁବତୀ ସଂଗ୍ରାମୀ ସ୍ୱାମୀ ଭାଗିରଥିଙ୍କ ପ୍ରେରଣାଦାତ୍ରୀ ଭାବରେ କଂଗ୍ରେସର ବିଭିନ୍ନ ଅଧିବେଶନରେ ଯୋଗ ଦେବା ପାଇଁ ପ୍ରେରଣା ଯୋଗାଉଥିଲେ । ଘରର ଯାବତୀୟ ଝଂଜାଳ ଓ ବ୍ୟସ୍ତତାଠାରୁ ନିଜର ସ୍ୱାମୀଙ୍କୁ ଦୂରେଇ ରଖୁଥିଲେ ଓ ନିଜେ ଘରର ସମସ୍ତ କାମର ଦାୟିତ୍ୱ ନେଇ ଜାତୀୟ ସଂଗ୍ରାମ ପାଇଁ ତାଙ୍କର ପ୍ରାଣ ଭିତରେ ଭରି ଦେଉଥିଲେ ଅପୂର୍ବ ଉତ୍ସାହ ଓ ଉଦ୍ଦୀପନା । ଧୀରେ ଧୀରେ ସମଗ୍ର ଭାରତବର୍ଷ ହୋଇଉଠିଲା ଯେପରି ତାଙ୍କ ପରିବାର ।

୧୯୨୪ ମସିହା । ସେଦିନ ବେଲଗାଁଓଠାରେ ଥିଲା ଭାରତୀୟ ଜାତୀୟ କଂଗ୍ରେସର ଅପୂର୍ବ ସମାବେଶ । ବେଲଗାଁଓଠାରେ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ଜାତୀୟ କଂଗ୍ରେସର ଅଧିବେଶନରେ ଯୋଗ ଦେବା ପାଇଁ ବରପାଲିରୁ ପଦବ୍ରଜରେ ବାହାରି ପଡ଼ିଲେ ସଂଗ୍ରାମୀ ଭାଗିରଥି । ଅଧିବେଶନର ସମାପ୍ତି ପରେ ଫେରିବା ବାଟରେ ନାଗପୁରଠାରେ ସେ ଭେଟିଲେ ମହାତ୍ମା ଭଗବାନ ଦୀନଙ୍କୁ । ତାଙ୍କ ସହ ଆଳାପ ଆଲୋଚନା



Scanned by CamScanner

ବେଳେ ନିଜ ପାରିବାରିକ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ । ସାଧୁପ୍ରାଣ ଭଗବାନ ଦୀନ୍ଙ୍କ ବାଣୀ ଭାଗିରଥିଙ୍କ ପ୍ରାଣରେ ସୃଷ୍ଟିକଲା ନବ ଉଦ୍ଦୀପନା । ସେ କହିଲେ- "ତୁମର ପରମ ସୌଭାଗ୍ୟ ଯେ, ତୁମେ ତୁମର ସ୍ତ୍ରୀ ଓ ତୁମର ଗୋଟିଏ ସନ୍ତାନ ଘେନି ତୁମର ପରିବାର । ଅନ୍ୟ କୌଣସି କଥା ମନେ ନ ଭାବି ସପରିବାର ବାହାରି ଯାଅ କଂଗ୍ରେସ ସଙ୍ଗଠନ ପାଇଁ । ଦେଶମାତୃକାର ସେବା ପାଇଁ । ମୋର କଥା ମାନି ଚଳିଲେ- ପୁଅର ପାଠପଢ଼ାରେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ ଏବଂ ତୁମର ପରିବାର ତୁମ ପାଦର ଶିକୁଳି ନ ହୋଇ ତୁମର ପ୍ରେରଣାଦାୟିନୀ ଓ ଅନୁଗାମିନୀ ହୋଇ ରହିବେ ।

ସଂଗ୍ରାମୀ ଭାଗିରଥିଙ୍କ ମନ ଓ ପ୍ରାଣରେ ଅପୂର୍ବ ଭାବସଂଚାର କଲା ଭଗବାନ ଦୀନ୍ଙ୍କ ଏଇ କଥା ପଦିକ । ସତରେ ଯଦି ତାହା ହୁଏ କେଡ଼େ ସୁନ୍ଦର କଥାଟିଏ ନ ହେବ ସତେ । ମନରେ ନୂତନ ଭାବନା, ପଦରେ ନୂତନ ଛନ୍ଦ, ପ୍ରାଣରେ ଅସୁମାରୀ ସ୍ୱପ୍ନ ଓ ଦୃଢ଼ ସଂକଳ୍ପ କରି ୧୯୨୫ ମସିହା ଜାନୁୟାରୀ ୨୧ ତାରିଖ ଦିନ ନାଗପୁର ଛାଡ଼ିଲେ ଓ ୪ଦିନ ପରେ ବରପାଲିରେ ପହଞ୍ଚି ଘରେ ନିଜ ପତ୍ନୀ ଜମ୍ବୁବତୀଙ୍କୁ ଭଗବାନ ଦୀନ୍ଙ୍କ ଗୋଟି ଗୋଟି କରି ସବୁ କଥା ଶୁଣାଇଲେ ।

ଜମ୍ବୁବତୀ ଦେବୀ ଏଭଳି ଏକ ସ୍ୱର୍ଣ୍ଣିମ ସୁଯୋଗର ପ୍ରତୀକ୍ଷାରେ ଥିଲେ ଯେମିତି । ପୂର୍ବରୁ ତାଙ୍କ ମନ ଭିତରେ ସଂଗ୍ରାମର ବୀଜ ରୋପିତ ହୋଇ ସାରିଥିଲା । ମହାତ୍ମା ଭଗବାନ ଦୀନ୍ଙ୍କ ପ୍ରତ୍ୟେକଟି କଥାର ସ୍ପର୍ଶରେ ତାଙ୍କ ସଂଗ୍ରାମୀ ଚେତନା ଉଦ୍ଦୀପିତ ହେଲା । ଜମ୍ବୁବତୀ ଦେବୀ ସଙ୍ଗେ ସଙ୍ଗେ କହି ପକାଇଲେ - "ଆମର ସମସ୍ତ ସୁନା ସରି ଯାଇଛି ଓ ସୁନା ଭଳି ସ୍ଥୂଳ ଓ ପାର୍ଥିବ ଜିନିଷ ପ୍ରତି ମୋର ମାୟା ମଧ୍ୟ ତୁଟି ସାରିଛି । ଏଣିକି ମୁଁ ତୁମ ପାଦର ଶିକୁଳି ନ ହୋଇ ତୁମ ପଥର ସହଯାତ୍ରୀ ହେବି ଓ ଅନୁଗାମିନୀ ହେବି । ଏହା ହିଁ ପରମ କାରୁଣିକ ଭଗବାନଙ୍କ ଇଚ୍ଛା ।"

ଏବଂ ଶେଷରେ ତାହା ହିଁ ହେଲା । ଜମ୍ବୁବତୀ ଦେବୀ ଆଉ ପ୍ରଚ୍ଛନ୍ନ ପ୍ରେରଣାଦାତ୍ରୀ ନ ହୋଇ ହେଲେ ନିଜ ପତିଦେବଙ୍କ ସଂଗ୍ରାମ ପଥର ପ୍ରତ୍ୟକ୍ଷ ସହଯାତ୍ରୀ । ସେଇ ଦିନଠାରୁ ସେ ଆଉ କେବେ ପଛକୁ ଚାହିଁ ନାହାନ୍ତି । ପଛକୁ ଫେରି ଚାହିଁବାର ଅବକାଶ ପାଇ ନାହାନ୍ତି ।

ପରେ ରମାଦେବୀଙ୍କ ଆଗମନ ହୋଇଥିଲା ସମ୍ବଲପୁର ସହରକୁ । ତାଙ୍କରି ଆଗମନ ଫଳରେ ସମ୍ବଲପୁର ଜନସାଧାରଣଙ୍କ ମନରେ ଅପୂର୍ବ ଆବେଗ ଓ ଶ୍ରଦ୍ଧା ଜାତ ହୋଇଥିଲା । ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ଜୀବନର ବ୍ରତ ଭାବରେ ଗ୍ରହଣ କରି ବିଭିନ୍ନ ସ୍ଥାନକୁ ଯାଇ ସେବା ମୂଳକ କାର୍ଯ୍ୟ ଓ ସଭା ସମିତି କରି କଂଗ୍ରେସର ସଙ୍ଗଠନ ଓ କାର୍ଯ୍ୟଧାରାକୁ ଆହୁରି ସୁଦୃଢ଼ କରିବାରେ ସେ ଗ୍ରହଣ କରିଥିଲେ ଅନନ୍ୟ ଭୂମିକା ।

୧୯୩୧ ମସିହା ଜାନୁୟାରୀ ମାସରେ ସମ୍ବଲପୁରରେ ରମାଦେବୀଙ୍କ ରହଣି କାଳରେ ସମସ୍ତ ସେବାମୂଳକ କାର୍ଯ୍ୟକ୍ରମ ଓ ସଭା ସମିତିମାନଙ୍କରେ ଜମ୍ବୁବତୀ ଦେବୀଙ୍କ ପୁତ୍ର ପ୍ରଫୁଲ୍ଲ ପାଖେ ରହି ତାଙ୍କୁ ସାହାଯ୍ୟ କରୁଥିଲେ । କିପରି ରମାଦେବୀ ସମ୍ବଲପୁରରେ ପ୍ରତ୍ୟେକ ସାହିକୁ ଯାଇ ଘର ଘର ବୁଲି ନାରୀମାନଙ୍କୁ ଉଦବୁଦ୍ଧ କରୁଥିଲେ ଓ କଂଗ୍ରେସର ସମସ୍ତ ସାଙ୍ଗଠନିକ କାର୍ଯ୍ୟରେ ସହଯୋଗ କରିବା ପାଇଁ ଓ ଇଂରେଜ ଜାତି ବିରୁଦ୍ଧରେ ନାରୀମାନେ ସତ୍ୟାଗ୍ରହ କରିବା ପାଇଁ ପ୍ରବର୍ତ୍ତାଉ ଥିଲେ, କିଭଳି ସମ୍ବଲପୁରର ସମସ୍ତ ଅଧିବାସୀ ଓ ସହରର ମାଆ ଭଉଣୀମାନେ ରମାଦେବୀଙ୍କୁ ଅଜସ୍ର ଭକ୍ତି ଓ ସମ୍ମାନ ପ୍ରଦର୍ଶନ ପୂର୍ବକ ବହୁ ଅର୍ଥ ଖୋଲା ପ୍ରାଣରେ ଅର୍ପଣ କରି ଦେଉଥିଲେ ତାହା ପୁତ୍ର ପ୍ରଫୁଲ୍ଲ ଆସି ମାଆ ଜମ୍ବୁବତୀଙ୍କ ନିକଟରେ ବର୍ଣ୍ଣନା କରି କହିଥିଲେ ।

ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କୁ ତେଜୀୟାନ୍ କରିବା ପାଇଁ ସେପଟେ ସରୋଜିନୀ ନାଇଡୁ ସଂଗ୍ରାମରେ ଝାସ ଦେଇଥିବା ବେଳେ ନାରୀମାନଙ୍କ ଭିତରେ ଅପୂର୍ବ ଭାବାବେଗ ଓ ଜାଗରଣ ସୃଷ୍ଟି କରିବା ପାଇଁ ଏବଂ ମହାତ୍ମାଗାନ୍ଧିଙ୍କ ନୀତି ଓ ଆଦର୍ଶକୁ ସାକାର କରିବା ପାଇଁ ଓଡ଼ିଶାରେ ସେବା କାର୍ଯ୍ୟ ଓ ସଂଗ୍ରାମ ପାଇଁ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରି ଦେଇଗଲେ ରମାଦେବୀ ।

ତ୍ୟାଗମୟୀ ରମାଦେବୀଙ୍କ ପ୍ରେରଣା ଲାଭ କରି ଜମ୍ବୁବତୀ ଦେବୀ ହେଲେ ଭାରତୀୟ ମୁକ୍ତି ସଂଗ୍ରାମ ବ୍ରତରେ ବ୍ରତୀ । ସେହି ପ୍ରେରଣା ତାଙ୍କୁ ପଶ୍ଚିମ ଓଡ଼ିଶାର ପ୍ରଥମ ନାରୀନେତ୍ରୀ, ସତ୍ୟାଗ୍ରହୀ ଓ ସ୍ୱାଧୀନତା ସଂଗ୍ରାମୀ କରି ଗଢ଼ି ତୋଳିଲା ।

ତହିଁ କିଛି ଦିନ ପରେ ଜାନୁୟାରୀ ୨୬, ୧୯୩୧ ମସିହାରେ (ବର୍ତ୍ତମାନର ତାହା ଜଗତଜନନୀ ମାଁ ଦୁର୍ଗାଙ୍କ ମନ୍ଦିର



Scanned by CamScanner

ସମ୍ମୁଖ ଭାଗ) ବରପାଲିର ପୁରୁଣା ହଟଲି ନିକଟସ୍ଥ ମଦନମୋହନ କ୍ଲବ୍‌ର ବିସ୍ତୃତ ପ୍ରାଙ୍ଗଣରେ ଜମ୍ବୁବତୀ ଦେବୀ ପ୍ରଥମ ଥର ପାଇଁ ତ୍ରିରଙ୍ଗା ଝଣ୍ଡା ଉତ୍ତୋଳନ କରି ନାରୀମାନଙ୍କୁ ଆହ୍ୱାନ କରି ଏକ ସଂକ୍ଷିପ୍ତ ଉଦ୍‌ବୋଧନ ପ୍ରଦାନ କରିଥିଲେ । ସେତେବେଳେ ବରପାଲିରେ ନାରୀ ଶିକ୍ଷାର ପ୍ରସାର ହୋଇ ନଥିଲା । ଜଣେ ନାରୀ ତ୍ରିରଙ୍ଗା ପତାକା ଉତ୍ତୋଳନ କରୁଥିବାର ଶୁଣି ଅନେକ ଆଶ୍ଚର୍ଯ୍ୟ ହେଲେ, ମାତ୍ର କେହି ସଭାସ୍ଥଳକୁ ଆସିବା ପାଇଁ ପ୍ରାଣରେ ସାହସ ସଞ୍ଚାର କରିପାରୁ ନଥିଲେ । ସେଦିନ ସମସ୍ତ ନରନାରୀଙ୍କୁ ଲକ୍ଷ୍ୟ କରି ନାରୀନେତ୍ରୀ ଜମ୍ବୁବତୀ ଶୁଣାଇଲେ ତ୍ରିରଙ୍ଗ ପତାକାର ଅପୂର୍ବ ବାଣୀ । ତ୍ରିରଙ୍ଗ ପତାକାର ଜୟ ମହାତ୍ମାଗାନ୍ଧିଙ୍କ ଜୟ ଧ୍ୱନିରେ ସେ ଦିନ ଆକାଶ ପବନ ପ୍ରକମ୍ପିତ ହେଲା, ପ୍ରତିଧ୍ୱନିତ ହେଲା । କ୍ରମେ କ୍ରମେ ବହୁ ଲୋକ ଆସି ସଭାସ୍ଥଳରେ ରୁଣ୍ଡ ହେଲେ ।

ନାରୀଶିକ୍ଷାର ପ୍ରଚାର ପ୍ରସାର ଘଟି ନ ଥିଲା ସେତେବେଳେ । ନାରୀମାନଙ୍କୁ ନେଇ ସମାଜରେ ଅନେକ କୁସଂସ୍କାର ପ୍ରଚଳିତ ଥିଲା । ଗ୍ରାମ୍ୟ ବଧୂଟିଏ ପଦାକୁ ବାହାରିବା ପୂର୍ବରୁ ଅନେକ ପ୍ରତିବନ୍ଧକ ତାର ପାଦକୁ ଜାବୁଡ଼ି ଧରୁଥିଲା । ଜମ୍ବୁବତୀ ଦେବୀ ବରପାଲି ଛାଡ଼ି ଗାଁ ଗାଁ ବୁଲି ସଙ୍ଗଠନ ଓ ସେବା କାର୍ଯ୍ୟରେ ଲାଗିବା ପାଇଁ ମନେ ମନେ ଚିନ୍ତା କଲେ । ହେଲେ ତାଙ୍କ ମନ ଭିତରେ ଅନେକ ପ୍ରଶ୍ନ ଓ ଆଶଙ୍କା । ସାମାଜିକ ଶୃଙ୍ଖଳା ଓ ସଙ୍କୋଚକୁ ପାଦରେ ଦଳି ଆଗକୁ ପାଦ ବଢ଼ାଇଲେ ଯାଇ ସେ ଯୋଗ ଦେଇ ପାରିବେ ସ୍ୱାଧୀନତା ସଂଗ୍ରାମରେ ।

ଆଜି ଯେମିତି ହେଲେ କିଛି ଗୋଟିଏ ନିଷ୍ପତ୍ତି ନେବାକୁ ପଡ଼ିବ । ସେ ଦିନ ଥାଏ ଫେବୃଯାରୀ ୨୦, ୧୯୩୧ ମସିହା । ପରିବାରର ତିନି ଜଣ ଯାକ ବସିଛନ୍ତି ଗୋଟିଏ ଘରେ । ଭରିଆଡ଼େ ପ୍ରବଳ ଶୀତ ପଡ଼ିଛି । ଜମ୍ବୁବତୀ ଦେବୀ ସଂଗ୍ରାମୀ ଭାଗିରଥିଙ୍କ ହାତକୁ ଧରି ଏକମାତ୍ର ପୁତ୍ର ପ୍ରଫୁଲ୍ଲ ମୁଣ୍ଡରେ ହାତ ରଖି ଦେଇ ପଚାରିଲେ- "ଏ ଯେଉଁ ଆନ୍ଦୋଳନ ଚାଲିଛି ଗାନ୍ଧିଙ୍କ ଆନ୍ଦୋଳନ, ଆଉ କେତେ ଦିନ ଧରି ଚାଲିବ, ଆମକୁ ସ୍ୱରାଜ ମିଳିବ କେବେ ଓ ସ୍ୱରାଜ ଆସିଲେ ସେଥିରୁ ପାଇବା କ'ଣ ?" ଜମ୍ବୁବତୀ ଦେବୀଙ୍କ କଥାରେ ସଂଗ୍ରାମୀ ଭାଗିରଥିଙ୍କ ପ୍ରାଣ ନିର୍ବାକ୍ , ନିସ୍ପନ୍ଦ ହୋଇ ରହିଗଲା । ଜମ୍ବୁବତୀଙ୍କ ହଠାତ୍ ଏଇ ପ୍ରଶ୍ନ ଭିତରେ ଅନେକ ରହସ୍ୟ ଯେମିତି ଲୁଚି ରହିଥିଲା । ତା'ର କି ଉତ୍ତର ଦେବେ ସେ । ଯାହା ହେଉ ବି ଆଜି ସେ ରହସ୍ୟ ଉନ୍ମୋଚିତ ହେବ । କିଛି ସମୟ ନୀରବ ରହିବା ପରେ ସେ କହିଲେ- "ଗାନ୍ଧି ଯେଉଁ କାମ ହାତକୁ ନେଇଛନ୍ତି, ତାହା ତାଙ୍କର ଦେଶଭକ୍ତି ସହ ଧର୍ମକାର୍ଯ୍ୟ ମଧ୍ୟ ଅଟେ । ମହାମାନବ ଗାନ୍ଧିଙ୍କ ନେତୃତ୍ୱରେ ଯେଉଁ ଆନ୍ଦୋଳନ ଚାଲିଛି, ସେଥିରେ ସ୍ୱରାଜ ଆସିବ, ନିଶ୍ଚୟ ଆସିବ । କିନ୍ତୁ ସ୍ୱରାଜ ଆସିଲେ ସାମୁହିକ ଭାବରେ ସମସ୍ତଙ୍କର ମଙ୍ଗଳ ହେବ, ସମସ୍ତଙ୍କ ମୁହଁରେ ହସ ଫୁଟିବ, ଆନନ୍ଦର ଲହରୀ ଛୁଟିବ ସାରା ଦେଶରେ । ବ୍ୟକ୍ତିଗତ ଭାବରେ ଆମକୁ କିଛି ମିଳିବ ନାହିଁ । ବ୍ୟକ୍ତିଗତ ଭାବରେ କିଛି ଲାଭ କରିବାର ଆଶା ରଖି କାର୍ଯ୍ୟ କରିବା ବୃଥା । ଆମେ ଯେଉଁ କାର୍ଯ୍ୟ କରୁଛୁ, ସେଥିପାଇଁ ଧର୍ମ ଆମର ସାକ୍ଷୀ ହୋଇ ରହିବ ।"

ଛିଣ୍ଡାକନାର ସାତଗଣ୍ଠି ଦେଇ ବାକ୍ସ ଭିତରେ ରଖିଥିଲେ ଜମ୍ବୁବତୀ ଦେବୀ ଭରିଏ ସୁନା । ବାକ୍ସ ଭିତରୁ ସୁନା ବାହାର କରି ଆଣିଲେ ଓ ଭାଗିରଥିଙ୍କ ହାତରେ ଦେଇ କହିଲେ- "ଯାଅ ଏହାକୁ ବିକ୍ରୀ କରି ଆଣ, ଆସନ୍ତା କାଲିଠାରୁ ମୁଁ ମଧ୍ୟ ରମାଦେବୀଙ୍କ ପରି ଘରୁ ବାହାରି ଗାଁ ଗାଁ ବୁଲି ଘର ଘର ଯାଇ ଗାନ୍ଧିଙ୍କ ସେବାମୂଳକ ଓ ସଂଗଠନ କାର୍ଯ୍ୟରେ ଯୋଗ ଦେବି ।"

ଜମ୍ବୁବତୀ ଦେବୀଙ୍କ ଏଇ ତେଜୋଦୀପ୍ତ ବାଣୀରେ ଅଭିଭୂତ ହୋଇ ପଡ଼ିଲେ ସଂଗ୍ରାମୀ ଭାଗିରଥି ଏବଂ ତାଙ୍କ ସହପାଠୀ ନରୋତ୍ତମ ସୁନାରୀଙ୍କୁ ସୁନା ଭରିକ ଦେଇ ତିରିଶ ଟଙ୍କା ଆଣିଲେ ଓ ଟଙ୍କା ଦେଲେ ଜମ୍ବୁବତୀ ଦେବୀ ହାତରେ ।

ତହିଁ ଆରଦିନ ୧୯୩୧ ମସିହା ଫେବ୍ରୁୟାରୀ ୨୧ ତାରିଖ । ବ୍ରହ୍ମ ମୁହୂର୍ତ୍ତରୁ ବରପାଲିରୁ ବାହାରି ପଡ଼ିଲେ ସଂଗ୍ରାମୀ ଭାଗିରଥି; ଜମ୍ବୁବତୀ ଦେବୀ ଓ ପୁତ୍ର ପ୍ରଫୁଲ୍ଲ । ନିଜ କାନ୍ଧରେ ଶିଶୁକାଠର ଏକ ଚରଖା ଓ ଗୋଟିଏ ଖଦଡ଼ ଝୁଲାମୁଣି ନେଇ ଆଗେ ଆଗେ ଚାଲୁଥିଲେ ସଂଗ୍ରାମୀ ଭାଗିରଥି । ମୁଣ୍ଡରେ ଗୋଟିଏ ବୁକୁଚା ଧରି ମଝିରେ ଚାଲୁଥିଲେ ଜମ୍ବୁବତୀ ଦେବୀ । ତାଙ୍କ ପଛେ ପଛେ ଚାଲୁଥିଲେ ପୁତ୍ର ପ୍ରଫୁଲ୍ଲ, ହାତରେ ଶୋଭା ପାଉଥିଲା ବାଉଁଶ ବାଡ଼ିରେ ବନ୍ଧା ହୋଇଥିବା ଓ ଫର୍ ଫର୍ ଉଡୁଥିବା ଏକ ତ୍ରିରଙ୍ଗା ପତାକା ।

ହାତରେ ତ୍ରିରଙ୍ଗା ପତାକା ଧରି ଗୋଟିଏ ପରିବାରର ତିନି ଜଣ ବ୍ୟକ୍ତି ଗାଁ ଗାଁ ବୁଲି ଗାନ୍ଧିଙ୍କ ସଙ୍ଗଠନ କାର୍ଯ୍ୟ କରିବା ଓ



Scanned by CamScanner

ଦେଶ ଲାଗି ଲୋକଙ୍କ ଭିତରେ ଜାଗରଣ ସୃଷ୍ଟି କରିବା ଦେଖି ଗାଁର ଲୋକମାନେ ବିସ୍ମିତ ହେଉଥିଲେ । ଯେଉଁ ଗାଁ ଗଲେ ସେହି ଗାଁର ଆବାଳବୃଦ୍ଧ ବନିତା ସଭିଏଁ ରୁଣ୍ଡ ହୋଇ ଯାଉଥିଲେ । ଏହି ତ୍ରିମୂର୍ତ୍ତିଙ୍କୁ ଦେଖି ସମସ୍ତଙ୍କ ମନ ପ୍ରାଣରେ ସୃଷ୍ଟି ହେଉଥିଲା ଦେଶପ୍ରୀତିର ଏକ ଉଚ୍ଚତର ଭାବନା । ଜମ୍ବୁବତୀ ଦେବୀ ସ୍ୱାମୀ ଭାଗିରଥି ଓ ପୁତ୍ର ପ୍ରଫୁଲ୍ଲ ସହ ବିଭିନ୍ନ ଗାଁକୁ ଯାଇ ବହୁ ଲୋକଙ୍କ ସହ ମିଶିଲେ । ସଭାକାର୍ଯ୍ୟମାନ ଆଗେଇ ଚାଲିଲା ।

ବରପାଲିରୁ କୁମ୍ଭାରୀ, ରେମଣ୍ଡା ପ୍ରଭୃତି ଗାଁ ମାନ ବୁଲି; ସଭାକାର୍ଯ୍ୟ ଓ ସଙ୍ଗଠନରେ ମନ ଦେଲେ ଜମ୍ବୁବତୀ ଦେବୀ । ତହିଁ ପରଦିନ ପହଞ୍ଚିଲେ ସ୍ୱାଧୀନଚେତା ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ଗ୍ରାମ ମାନପୁରରେ । ମାନପୁରରେ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ନେତୃତ୍ୱରେ ବହୁ ନରନାରୀଙ୍କ ଗହଣରେ ଭାଗିରଥି, ଜମ୍ବୁବତୀ ଓ ପ୍ରଫୁଲ୍ଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା । ସଙ୍ଗଠନ କାର୍ଯ୍ୟରେ ବାହାରିବା ପରେ ଥରେ ଟୁକୁର୍ଲାର କୁଞ୍ଜବିହାରୀ ଗୌନ୍ତିଆ ଓ ଶ୍ରୀମତୀ ଲୀଳାବତୀ ଗୌନ୍ତିଆଙ୍କ ଘରେ କିଛି ଦିନ ଅବସ୍ଥାନ କରିଥିଲେ । ବଲିଟିକିରା, ଭେଡ଼େନ୍, ବରଗଡ଼ ପ୍ରଭୃତି ସ୍ଥାନରେ ବିଭିନ୍ନ ସଭାର ଆୟୋଜନ କରି ଉଦ୍‌ବୋଧନ ଦେଇଥିଲେ ଜମ୍ବୁବତୀ ଦେବୀ । ପରେ ଭଟଲି, ଲରମ୍ଭା ଏବଂ ସମ୍ବଲପୁର ପ୍ରଭୃତି ସ୍ଥାନରେ ବହୁ ଲୋକଙ୍କ ସହ ମିଶି ଏକତ୍ର ଗାନ୍ଧିଙ୍କ ସେବାମୂଳକ କାର୍ଯ୍ୟକ୍ରମ ଓ ସଙ୍ଗଠନ କାର୍ଯ୍ୟକୁ ଆଗେଇ ନେବାକୁ ପ୍ରମୁଖ ଭୂମିକା ଗ୍ରହଣ କଲେ ଜମ୍ବୁବତୀ ।

ଯେତେଦିନ ପର୍ଯ୍ୟନ୍ତ ସ୍ୱରାଜ ଆସି ନାହିଁ, ସେତେ ଦିନଯାଏଁ ନିଜର ଲକ୍ଷ୍ୟ ପଥରେ ଆଗେଇ ଚାଲିବା ବିପ୍ଲବିଣୀ ଜମ୍ବୁବତୀଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ, ଏକମାତ୍ର ଧର୍ମ ।

ଯେତେ ଦୁଃଖ-ଦୁର୍ବିପାକ ଆସୁ ଜମ୍ବୁବତୀ ଦେବୀ ଦବି ଯିବାର ନାରୀ ନଥିଲେ । ତାଙ୍କ ଜୀବନରେ ଅଭାବ ଅସୁବିଧା ଲାଗି ରହିଥିଲା । ସମସ୍ତ ପାରିବାରିକ ଦୈନ୍ୟ, ଦୁଃସ୍ଥିତି ଭିତରେ ମଧ୍ୟ ସେ ସଙ୍ଗଠନ କାର୍ଯ୍ୟରୁ ଓହରି ଯାଇ ନଥିଲେ ।

ଅଖିଳ ଭାରତୀୟ ଚରଖା ସଂଘ ଗଠନ କଲେ ଗାନ୍ଧିଜୀ ୧୯୨୫ ମସିହାରେ । ସଂଗ୍ରାମୀ ଭାଗିରଥି ବହୁ ପୂର୍ବରୁ ସେ କାମରେ ନିଜକୁ ନିୟୋଜିତ କରି ସାରିଥିଲେ । ବହୁ ସମୟ ବାହାରେ ରହୁଥିବା ଯୋଗୁଁ ନିଜ ଗାଁ ବରପାଲିକୁ ଫେରି ପାରୁ ନଥିଲେ । ଅଧିକାଂଶ ସମୟରେ ସେ ପଞ୍ଚପଦ୍ମାରେ ଅବସ୍ଥାନ କରୁଥିଲେ । ଏଭଳି ଅବସ୍ଥାରେ ଇଂରେଜ ସରକାର ଜମ୍ବୁବତୀ ଦେବୀ ଓ ପୁତ୍ର ପ୍ରଫୁଲ୍ଲଙ୍କ ଉପରେ ଅନେକ ଅତ୍ୟାଚାର ଓ ଦମନ ମନୋବୃତ୍ତି ଯୋଗୁଁ ସଂଗ୍ରାମୀ ଭାଗିରଥିଙ୍କ ପରିବାରର ଲୋକେ ପ୍ରଫୁଲ୍ଲ ଓ ଜମ୍ବୁବତୀ ଦେବୀଙ୍କୁ ପ୍ରବର୍ତ୍ତାଇଲେ ବରପାଲିରେ ନ ରହି ଅନ୍ୟତ୍ର ରହିବା ପାଇଁ । ଶେଷରେ ବାଧ୍ୟ ହୋଇ ଜମ୍ବୁବତୀ ଦେବୀ ଘର ଛାଡ଼ିଲେ ଏକମାତ୍ର ପୁତ୍ର ପ୍ରଫୁଲ୍ଲଙ୍କୁ ସଙ୍ଗରେ ନେଇ । ଘର ଛାଡ଼ିବା ପରେ ଉଭୟ ମାଁ ପୁଅ ଆସି ରହିଲେ ଶ୍ୟାମସୁନ୍ଦର ରାଉତରାୟଙ୍କ ବାଟ ଘରେ । କେଡ଼େ ଦୁଃସ୍ଥିତି ଦୁର୍ଦ୍ଦିନରେ କଟିଛି ତାଙ୍କର ଜୀବନ । ତଥାପି ଜମ୍ବୁବତୀ ଦେବୀ ଭରସା ଛାଡ଼ି ନାହାନ୍ତି । ଶ୍ୟାମସୁନ୍ଦର ରାଉତରାୟଙ୍କ ଘରେ ଥିବା ବେଳେ ସେହି ଘରେ ଥିଲା ଗୋଟିଏ ଢିଙ୍କି । ଢିଙ୍କିରେ ଧାନ କୁଟି ଯାହା ରୋଜଗାର କରନ୍ତି ସେଥିରେ ମା'ପୁଅ ଚଳନ୍ତି । ସେତେବେଳେ ପ୍ରଫୁଲ୍ଲ ସ୍କୁଲରେ ପଢୁଥାନ୍ତି । ସ୍କୁଲରୁ ଫେରିବା ପରେ ଉଭୟେ ମିଶି ଢିଙ୍କିରେ ଧାନ କୁଟନ୍ତି । ଦିନେ ଦିନେ ଖାଇବାକୁ ନ ପାଇ ଭୋକ-ଉପାସରେ ରହିଛନ୍ତି । ଚାରିଦିନ ଧରି ଭୋକ ନିବାରଣ କରିଛନ୍ତି ଦୁହେଁ । ତଥାପି ଜମ୍ବୁବତୀ ଧୈର୍ଯ୍ୟହରା ହୋଇ ନାହାନ୍ତି, ଅସୀମ ଧୈର୍ଯ୍ୟ ଓ ସାହସର ସହିତ ସଂଗ୍ରାମ ଓ ସଙ୍ଗଠନ କାର୍ଯ୍ୟ ପାଇଁ ଅଗ୍ରସର ହେବାକୁ ମନେ ମନେ ସଂକଳ୍ପ କରିଛନ୍ତି ସେ ।

୧୯୨୭ ମସିହାରେ ଜମ୍ବୁବତୀ ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଚରଖା ଧରିଛନ୍ତି । ଚରଖାରେ ନିତି ପ୍ରତି ସୂତା କାଟିବା କାର୍ଯ୍ୟ ଚାଲିଥାଏ । ସହଯୋଗ କରିବା ପାଇଁ ପାଖରେ ଥାନ୍ତି ପ୍ରଫୁଲ୍ଲ । ବେଳେବେଳେ ବୁଣାକାରମାନଙ୍କ ଏକ ବଏକଟା କାମ ମଧ୍ୟ ଚାଲିଥାଏ । ଏପଟେ ପ୍ରଫୁଲ୍ଲ ହରିଜନ ପିଲାମାନଙ୍କୁ ଓ ବୃଦ୍ଧବ୍ୟକ୍ତିଙ୍କୁ ପାଠ ପଢ଼ାଇ ଦି ପଇସା ରୋଜଗାର କରନ୍ତି । ଏଭଳି ମାସକୁ, ଚାରି ଆଠ ପଇସା ଯୋଗାଡ଼ ହୋଇଯାଏ ଦି ପରାଣି ଚଳିବା ପାଇଁ ।

ସମୟ ଥିଲା, ଯେଉଁ ସମୟରେ ଗଣ୍ଡା, ଚମାର ଓ କୁଲୀ ଜାତିର ପିଲାଙ୍କୁ ବିଦ୍ୟାଳୟମାନଙ୍କରେ ଭର୍ତ୍ତି କରାଯାଉ ନଥିଲା । ତେଣୁ ସେଇ ପିଲାମାନଙ୍କୁ ନେଇ ମାଁ ଜମ୍ବୁବତୀ ଦେବୀଙ୍କ



Scanned by CamScanner

ପ୍ରେରଣାରେ ପ୍ରଫୁଲ୍ଲ ପ୍ରତିଷ୍ଠା କଲେ ଏକ ଘରୋଇ ବିଦ୍ୟାଳୟ । ସେଇ ବିଦ୍ୟାଳୟରେ ଆଦିବାସୀ ଓ ହରିଜନ ଛାତ୍ରଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାକୁ ଲାଗିଲା ।

ଏହଭଳି ଭାବରେ କିଛି ପଇସା ରୋଜଗାର ହେବା ଫଳରେ ଆଉ ମାଆ ପୁଅଙ୍କୁ ଭିକାରି ଆଶ୍ରୟ ନେବାକୁ ପଡ଼ିଲା ନାହିଁ । ଅନେକ ସମୟରେ ଚମାର ମେହେର (ପୁରା ନାମ ମୋହନ) ଙ୍କ ଝିଅ ବାମାଙ୍କ ସାହାଯ୍ୟ ଲାଭ କରି ତାଙ୍କର ଅଭାବ ଅସୁବିଧା ଦୂରୀଭୂତ ହୋଇ ପାରୁଥିଲା ।

ବାସ୍ତବରେ ଜମ୍ବୁବତୀ ଦେବୀଙ୍କ ଜୀବନ ଥିଲା ଦୁର୍ବିସହ । ସମସ୍ତ ପ୍ରତିକୂଳ ପରିସ୍ଥିତି ଭିତରେ ମଧ୍ୟ ସେ ଅସୀମ ଧୈର୍ଯ୍ୟ ଓ ସାହସ ଅବଲମ୍ବନ କରିଛନ୍ତି । ୧୯୨୪ ମସିହାରୁ ୧୯୩୦ ପର୍ଯ୍ୟନ୍ତ ଜମ୍ବୁବତୀଙ୍କୁ ଦାରିଦ୍ର୍ୟ ସଙ୍ଗେ ଲଢ଼େଇ କରିବାକୁ ପଡ଼ିଥିଲା । ଏହି ସମୟ ଥିଲା ତାଙ୍କ ଜୀବନର ସବୁଠାରୁ ବେଶୀ ଦୁର୍ଦ୍ଦିନର ସମୟ ।

୧୯୩୦ ମସିହା ଜାନୁୟାରୀ ୩୦ ତାରିଖ ଦିନ କଂଗ୍ରେସ ତରଫରୁ ଘୋଷଣା କରାଗଲା ଭାରତବର୍ଷର ପୂର୍ଣ୍ଣ ସ୍ୱାଧୀନତା । ଏ ଘୋଷଣା ପରେ ପରେ ଦେଶର ବିଶିଷ୍ଟ ନେତାମାନଙ୍କୁ ଇଂରେଜ ସରକାର ଗିରଫ କଲେ । ଏ ଦେଶର ବଡ଼ ବଡ଼ ନେତାମାନଙ୍କୁ ଗିରଫ କରିବା ଫଳରେ ଦେଶରେ ଆନ୍ଦୋଳନ ତୀବ୍ର ରୂପ ଧାରଣ କଲା ।

ମହାତ୍ମାଗାନ୍ଧୀ ଥିଲେ ଭାରତବର୍ଷର ପ୍ରାଣ ପ୍ରତିଷ୍ଠାତା । ତାଙ୍କରି ଆହ୍ୱାନରେ ହଜାର ହଜାର ଜନତା ଘରଦ୍ୱାର ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ । ଗାଁ ଗାଁରେ ସଙ୍ଗଠନ କାର୍ଯ୍ୟ ଆଗେଇ ଚାଲିଲା । ପ୍ରତିବାଦ ସଭାମାନ ଆୟୋଜିତ ହେଲା । ଛାତ୍ରଛାତ୍ରୀମାନେ ସ୍କୁଲ କଲେଜ ଛାଡ଼ି ସଭା ସମିତିରେ ଯୋଗ ଦେଲେ । ଗାନ୍ଧିଜୀଙ୍କ ଆତ୍ମାର ଡାକ ଯାଇ ପହଞ୍ଚିଲା ପ୍ରତି ଗାଁରେ, ପ୍ରତିଟି ଘରେ ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧି ଆରମ୍ଭ କଲେ ତାଙ୍କର ଐତିହାସିକ 'ଦାଣ୍ଡିଯାତ୍ରା' । ଗାନ୍ଧିଙ୍କ ଆଶ୍ରମ ସାବରମତୀଠାରୁ ସମୁଦ୍ରକୂଳ ପର୍ଯ୍ୟନ୍ତ ଯାତ୍ରା । ହଜାର ହଜାର ସଂଖ୍ୟାରେ ଜନସାଧାରଣ ଏହି ଯାତ୍ରାରେ ଯୋଗ ଦେଲେ ।

ସମୁଦ୍ର କୂଳରୁ ଲୁଣ ମାରି ଖାଇବା ଅଧିକାରରୁ ଦେଶବାସୀ ବଞ୍ଚିତ ଥିଲେ । ଇଂରେଜ ସରକାର ଲୋକଙ୍କ ଉପରେ ବିଭିନ୍ନ ଟିକସ ଆକାରରେ ଜୋର ଜବରଦସ୍ତ ଲଦି ଦେଉଥିଲେ । ସେଥି ମଧ୍ୟରୁ ଲୁଣ ତିଆରି କରି ବିକ୍ରୀ କରିବା ଲାଗି ଜନସାଧାରଣଙ୍କୁ ବିଭିନ୍ନ କର ବା ଟିକସ ଦେବାକୁ ପଡୁଥିଲା ।

ସତ୍ୟାଗ୍ରହ ଆନ୍ଦୋଳନରେ ଓଡ଼ିଶାର ଜନସାଧାରଣଙ୍କୁ ଇଂରେଜ ସରକାରଙ୍କ ବିଭିନ୍ନ ଅତ୍ୟାଚାର ସହ୍ୟ କରିବାକୁ ପଡ଼ିଥିଲା ! ଶ୍ରୀ ନବକୃଷ୍ଣ ଚୌଧୁରୀ ଓ ରମାଦେବୀ ଚୌଧୁରାଣୀଙ୍କ ନେତୃତ୍ୱରେ ସତ୍ୟାଗ୍ରହ ସଂଗ୍ରାମ ଆଗେଇ ଚାଲିଲା । ଓଡ଼ିଶାର ସତ୍ୟାଗ୍ରହ ସଂଗ୍ରାମରେ ବରପାଲିର ପଟ୍ଟନାୟକ ପରିବାରର ଭୂମିକା ଥିଲା ଅନନ୍ୟ ଓ ଉଲ୍ଲେଖନୀୟ । ସତ୍ୟାଗ୍ରହ ଆନ୍ଦୋଳନରେ ଯେଉଁମାନେ ଭାଗ ନେଉଥିଲେ ସେଇ ସତ୍ୟାଗ୍ରହୀମାନଙ୍କ ଘର ଉପରେ ଇଂରେଜ ସରକାରଙ୍କ ପକ୍ଷରୁ ଚଢ଼ଉ କରାଯାଉଥିଲା । ତାଙ୍କ ଧନ ଦ୍ରବ୍ୟ ସବୁ ଲୁଟ କରାଯାଉଥିଲା ଓ ଘରର ଜିନିଷପତ୍ର ସବୁ ଫିଙ୍ଗି ଦିଆଯାଉଥିଲା । ଗ୍ରାମେ ଗ୍ରାମେ ପିଟୁଣି ପୋଲିସମାନଙ୍କ ଦ୍ୱାରା ରାତିରେ ଘରମାନଙ୍କ ଉପରେ ପହରା ଦିଆହେଉଥିଲା ।

ଦେଶର ସର୍ବତ୍ର ସ୍ୱାଧୀନତା ସଂଗ୍ରାମର ବହ୍ନି ପ୍ରଜ୍ୱଳିତ ହୋଇ ଉଠୁଥିବା ବେଳେ ନାରୀନେତ୍ରୀ ଜମ୍ବୁବତୀ ଭାରତମାତାଙ୍କ ସେବାରେ ପୂର୍ଣ୍ଣ ପ୍ରାଣରେ ଲାଗିପଡ଼ିଲେ । ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଗ୍ରାମରେ ସଙ୍ଗଠନ କାର୍ଯ୍ୟ ଓ ସେବା କାର୍ଯ୍ୟରେ ମନୋନିବେଶ କରି ନାରୀ ସମାଜର ଦୃଷ୍ଟି ଆକର୍ଷଣ କଲେ ଜମ୍ବୁବତୀ ଦେବୀ । ସେତେବେଳେ ବୁଢ଼ାରଜା ପାଖରେ ଥିବା ଦେହେରିପାଲି କୋଷ୍ଠପଡ଼ାରେ ସଂଗ୍ରାମୀ ଭାଗିରଥି, ଜମ୍ବୁବତୀ ଦେବୀ ଓ ପୁତ୍ର ପ୍ରଫୁଲ୍ଲ ଆଶ୍ରୟ ନେଇଥିଲେ କୁଳଧରଙ୍କ ଘରେ ।ସେ ଘରଟି ଭିତରେ ମହାତ୍ମାଗାନ୍ଧିଙ୍କ ନୀତି ଓ ଆଦର୍ଶରେ ଗାଥା ଅନୁରଣିତ ହେଉଥିଲା ।

୧୯୩୧ ମସିହା ମାର୍ଚ୍ଚ ୨ ତାରିଖ ଦିନ ବୁଢ଼ାରଜାର ତେନ୍ତୁଳିଗଛ ତଳେ ହେଲା ଏକ ବିରାଟ ସଭା । ଏହି ସଭାରେ ହଜାର ହଜାର ସଂଖ୍ୟାରେ କୃଷକ ଓ ଜନସାଧାରଣ ସମାବିଷ୍ଟ ହେଲେ । ସଭାରେ ଲୋକଙ୍କୁ ସଙ୍ଗଠନ କାର୍ଯ୍ୟ ସ ସେବାକାର୍ଯ୍ୟ ସମ୍ବନ୍ଧରେ ପ୍ରବର୍ତ୍ତାଉ ଥିବାବେଳେ ସଭାସ୍ଥଳରୁ ପୋଲିସ ଗିରଫ



Scanned by CamScanner

ଜଲେ ଜମ୍ବୁବତୀ ଦେବୀ, ସଂଗ୍ରାମୀ ଭାଗିରଥି ଓ ପୁତ୍ର ପ୍ରଫୁଲ୍ଲଙ୍କୁ । ଏମାନଙ୍କ ଦ ସଭାସ୍ଥଳରେ ଉପସ୍ଥିତ ଥିଲେ ସତ୍ୟାଗ୍ରହୀ ସୁଦାଂଶୁ ଗୁପ୍ତ, କୃଷ୍ଣଦେବୀ, ବିନାୟକ ପାଢ଼ୀ ଓ ପ୍ରଫୁଲ୍ଲଙ୍କୁ ଜେଲ୍ରୁ ମୁକ୍ତ ଜଲେ । ମାତ୍ର ସଂଗ୍ରାମୀ ଭାଗିରଥିଙ୍କୁ ପଠାଇ ଦିଆଗଲା ସମ୍ବଲପୁର ଜେଲ୍‌କୁ ।

ସମ୍ବଲପୁର ଜିଲ୍ଲାର ରେମଣ୍ଡା, ବରଗଡ଼, ଲରମ୍ଭା, ଭେଡ଼େନ୍, ଟୁକୁର୍ଲା ପ୍ରଭୃତି ଗ୍ରାମରେ ସଙ୍ଗଠନ କାର୍ଯ୍ୟ ଓ ସେବାମୂଳକ କାର୍ଯ୍ୟକ୍ରମମାନ ଚାଲୁ ରହିଲା । ଦେହେରିପାଲି ଓ ଟୁକୁର୍ଲାରେ କୁଞ୍ଜବିହାରୀ ମେହେର ଓ ତାଙ୍କ ସହଧର୍ମିଣୀ ଇଲାବତୀ ମେହେରଙ୍କ ଘରେ ଅବସ୍ଥାନ କାଳରେ ଜମ୍ବୁବତୀ ଦେବୀ ପ୍ରତି ଦିନ ସନ୍ଧ୍ୟାରେ ଗାଁର ସ୍ତ୍ରୀ ଲୋକମାନଙ୍କୁ ଏକତ୍ର କରି ଗାନ୍ଧିଜୀଙ୍କ ସତ୍ୟାଗ୍ରହ ସଂଗ୍ରାମ କଥା ବୁଝାଉଥିଲେ । ଫଳରେ ସେ ନାରୀମାନଙ୍କ ମନ, ପ୍ରାଣ ଓ ହୃଦୟକୁ ଜିଣି ନେଇଥିଲେ । ଦିନରେ ଚରଖା ଚଳାଇବା ଓ ସନ୍ଧ୍ୟା ସମୟରେ ସତ୍ୟାଗ୍ରହ ସଂଗ୍ରାମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଥିଲା ନାରୀନେତ୍ରୀ ଜମ୍ବୁବତୀଙ୍କ ପ୍ରତିଦିନର କାର୍ଯ୍ୟ । ଧୀରେ ଧୀରେ ଧୀରେ ଚରଖା ପ୍ରତି ଓ ସୂତା କାଟିବା ପାଇଁ ନାରୀମାନଙ୍କ ମନରେ ଆଗ୍ରହ ସୃଷ୍ଟି ହେଲା । ସ୍ୱାଧୀନଚେତା ସତ୍ୟପ୍ରାଣ ଇଲାବତୀଙ୍କ ପରି ସତ୍ୟାଗ୍ରହୀ ତାଙ୍କରି ପ୍ରେରଣାରେ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେଲେ । ଜମ୍ବୁବତୀ ଦେବୀ ଥିଲେ କେବଳ ଅବିଭକ୍ତ ସମ୍ବଲପୁର ଜିଲ୍ଲା ନୁହେଁ ସମଗ୍ର ପଶ୍ଚିମ ଓଡ଼ିଶାର ପ୍ରଥମ ସତ୍ୟାଗ୍ରହୀ, ନାରୀନେତ୍ରୀ ଓ ସ୍ୱାଧୀନତା ସଂଗ୍ରାମୀ ।

ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଇଂରେଜ ବଡ଼ଲାଟ୍‌ଙ୍କ ସହିତ ମହାତ୍ମାଗାନ୍ଧୀଙ୍କ ଶାନ୍ତି ଆଲୋଚନା ଚାଲିଥିଲା । ଏପଟେ ମହାତ୍ମାଗାନ୍ଧି ଶାନ୍ତି ଆଲୋଚନା ବେଳେ କଂଗ୍ରେସର ଅଭିମୁଖ୍ୟ ନେଇ ଅଟଳ ଥିଲେ । ସେ ପଟେ ବଡ଼ଲାଟ୍ ପରିଷଦ ନିଜ ଜିଦ୍‌ରେ ଅଟଳ ଥିଲେ । ଦୀର୍ଘ ପନ୍ଦର ଦିନ ପର୍ଯ୍ୟନ୍ତ ଆଲୋଚନା ଚାଲିଲା । ଶେଷରେ ସତ୍ୟାଗ୍ରହ ସଂଗ୍ରାମ ସ୍ଥଗିତ ରଖିବା ଓ ଶାନ୍ତି ସ୍ଥାପନ କରିବା ପାଇଁ ଘୋଷଣା କରି କରାଗଲା ଗାନ୍ଧି-ଇରୱିନ୍ ଚୁକ୍ତି କାର୍ଯ୍ୟକାରୀ । ହେଲା ଫଳରେ ୧୯୩୧ ମସିହା ମାର୍ଚ୍ଚ ୫ ତାରିଖ ଦିନ ସତ୍ୟାଗ୍ରହୀ ବନ୍ଦୀମାନଙ୍କୁ ହଜାରିବାଗ୍ ଜେଲ୍‌ରୁ ମୁକ୍ତି କରି ଦିଆଗଲା । ହଜାରୀବାଗ୍ ଜେଲ୍‌ରୁ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ରାଜବନ୍ଦୀ ଖଲାସ ହୋଇ ଆସିଲେ ଓଡ଼ିଶାକୁ । ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ସମ୍ବଲପୁରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା । ସମସ୍ତଙ୍କ ମନ ଭିତରେ ଅପୂର୍ବ ଉତ୍ସାହ ଓ ଆନନ୍ଦ ଫେରି ଆସିଲା । ଗାନ୍ଧି ଇରୱିନ୍ ଚୁକ୍ତି ଫଳରେ କଂଗ୍ରେସ ବିଜୟ ହେଲା ବୋଲି ଭାବି ଲୋକମାନେ ଦ୍ୱିଗୁଣିତ ଉତ୍ସାହରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଭା ସମିତି ସଙ୍ଗଠନ ଆଦ କାର୍ଯ୍ୟରେ ପୂର୍ଣ୍ଣ ପ୍ରାଣରେ ଲାଗିପଡ଼ିଲେ । ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଓ ସଙ୍ଗଠନ ସଭାରେ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ସହ ଜମ୍ବୁବତୀ ଦେବୀ ଓ କ୍ରିଷ୍ଣାଦେବୀ ଉପସ୍ଥିତ ଥିଲେ । ଜମ୍ବୁବତୀ ଦେବୀ ଓ କ୍ରିଷ୍ଣାଦେବୀ ସଙ୍ଗଠନ କାର୍ଯ୍ୟ ଓ ସଭା ସମିତିରେ ଯୋଗଦାନ ନାରୀମାନଙ୍କ ଭିତରେ ନୂତନ ଜାଗରଣ ଆଣିଦେଲା । ହଜାର ହଜାରସଂଖ୍ୟାରେ ନରନାରୀ ସଭାସମିତି ଓ ସଙ୍ଗଠନ କାର୍ଯ୍ୟରେ ଯୋଗ ଦେବାକୁ ଘରୁ ବିନା ଦ୍ୱିଧାରେ ବାହାରି ପଡ଼ିଲେ ।

ଦିନରାତି କଂଗ୍ରେସର ସଙ୍ଗଠନ କାର୍ଯ୍ୟ ଚାଲିଥାଏ । ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର କାହାକୁ ଟିକିଏ ବି ବିଶ୍ରାମ ନେବାର ସୁଯୋଗ ଦେଉନଥିଲେ । ଅବିରାମ ଗତିରେ ଚାଲିଲା କଂଗ୍ରେସର ସଂଗଠନ କାର୍ଯ୍ୟ । ପଣ୍ଡିତ ମିଶ୍ର ସମସ୍ତ କଂଗ୍ରେସ କର୍ମୀମାନଙ୍କର ଏକ ଅଧିବେଶନ ଡାକିଲେ । ସେହି ଅଧିବେଶନରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ମଦଭାଟିମାନଙ୍କରେ ପିକେଟିଂ କରିବା ପାଇଁ ଓ ସଭାସମିତିମାନ ଆୟୋଜନ କରିବା ପାଇଁ ପ୍ରସ୍ତାବ ଆହୂତ ହୋଇ ସର୍ବସମ୍ମତି କ୍ରମେ ତାହା ଗୃହୀତ ହେଲା । ସେହି ଅଧିବେସନରେ ଉପସ୍ଥିତ ଥିଲେ ସଂଗ୍ରାମୀ ଭାଗିରଥି, ଜମ୍ବୁବତୀ ଦେବୀ, ପ୍ରଫୁଲ୍ଲ, ନୃସିଂହ ଗୁରୁ, ଚିନ୍ତାମଣି ପୂଜାରୀ, ବିନାୟକ ପାଢ଼ୀ, ଦୟାନନ୍ଦ ଶତପଥୀ, ସୁଧାଂଶୁ ଶେଖର ଗୁପ୍ତ ଓ ମହାବୀର ସିଂହ ।

ଆରମ୍ଭ ହେଲା ନିଶା ନିବାରଣ ଅଭିଯାନ । ଝାରସୁଗୁଡ଼ା ମଦଭାଟିରେ ପ୍ରଥମ କରି ପିକେଟିଂ ଆରମ୍ଭ ହେଲା । ତା'ର ନେତୃତ୍ୱ ନେଲେ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର । ପରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ମଦଭାଟିମାନଙ୍କରେ ପିକେଟିଂ ଚାଲିଲା । ସେତେବେଳେ ଡେପୁଟି କମିଶନର ଭାବେ ଅବସ୍ଥାପିତ



Scanned by CamScanner

ହୋଇଥିଲେ ନୀଳମଣି ସେନାପତି । ଡେପୁଟି କମିଶନର ଓ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ମଧ୍ୟରେ ଚାଲିଥିଲା ଛକାପଞ୍ଝା ଖେଳ । ଗାନ୍ଧି ଇର୍‌ୱିନ୍ ଚୁକ୍ତି ପରେ ମଦଭାଟିମାନଙ୍କରେ ପିକେଟିଂ କରୁଥିବା ଅଭିଯୋଗରେ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ଭାଗିରଥି ପଟ୍ଟନାୟକ, ବେଣୀମାଧବ, ରାମ ଭରୋସେଙ୍କ ଉପରେ ଦାଏର୍ କରାଗଲା ଫୌଜଦାରୀ ମୋକଦ୍ଦମା । ଏ ସମସ୍ତଙ୍କୁ ଗିରଫ କରିବା ପାଇଁ ଆଦେଶ ଦେଲେ ଡେପୁଟି କମିଶନର୍ ନୀଳମଣି ସେନାପତି । ସେମାନଙ୍କ ନାଁରେ ମିଥ୍ୟା କେଶ୍ ଦାୟର୍ କରାଯାଇ ସମସ୍ତଙ୍କୁ ଗିରଫ୍ କରାଗଲା । ଏହି ମାମଲାରେ ତତ୍ତ୍ୱାବଧାନ କରିବା ପାଇଁ ସମ୍ବଲପୁର ଆସିଲେ ନୀଳକଣ୍ଠ ଦାଶ ଗୋପବନ୍ଧୁ ଚୌଧୁରୀ, ହରେକୃଷ୍ଣ ମହତାବ ଓ ସରଳା ଦେବୀ ।

ଏଇ ସଂଗ୍ରାମୀ ଦଳ ପୁଣି ଥରେ ଜମ୍ବୁବତୀ ଦେବୀଙ୍କ ନେତୃତ୍ୱରେ ବାହାରି ପଡ଼ିଲେ । ତୁଳସୀ ଦେବୀ, ବିହାରୀରାମଙ୍କ ଧର୍ମପତ୍ନୀ, ରାମଭରୋସେଙ୍କ ସହଧର୍ମିଣୀ ଓ ଅନେକ ସଂଖ୍ୟାରେ ହରିଜନ ମହିଳା ଏଇ ସଂଗ୍ରାମରେ ଯୋଗ ଦେଲେ । ଏମାନଙ୍କ ସବୁ କାର୍ଯ୍ୟରେ ପଛେ ପଛେ ଥିଲେ ପ୍ରଫୁଲ୍ଲ ପଟ୍ଟନାୟକ । ଏଇ ଆନ୍ଦୋଳନ ଦୀର୍ଘ ଦିନ ଧରି ଚାଲିଲା । ଦିନକୁ ଦିନ ପିକେଟିଂ କରୁଥିବା ନାରୀ ସଂଖ୍ୟା ବଢ଼ିବାକୁ ଲାଗିଲା । ପୋଲିସ ଥାନା ଇନ୍‌ଚାର୍ଜଙ୍କ ଘନ ଘନ ରିପୋର୍ଟ ପରେ ଡେପୁଟି କମିଶନର ନାରୀ ସତ୍ୟାଗ୍ରହୀମାନଙ୍କୁ ଗିରଫ କରିବାର ଆଦେଶ ଦେଇପାରିଲେ ନାହିଁ । ଜମ୍ବୁବତୀ ଦେବୀଙ୍କ ନେତୃତ୍ୱରେ ସଙ୍ଗଠନ କାର୍ଯ୍ୟ ଆଗେଇ ଚାଲିଲା । ଫଳରେ ଜମ୍ବୁବତୀ ଦେବୀ ହରିଜନ ମହିଳାମାନଙ୍କ ସଙ୍ଗଠନ କରି ଆନ୍ଦୋଳନକୁ ଆହୁରି ତୀବ୍ର ଓ ସକ୍ରିୟ କରିବା ପାଇଁ ଯୋଜନାମାନ ପ୍ରସ୍ତୁତ କଲେ ଓ ସେଥିରେ ସଫଳ ହେଲେ । ଦିନକୁ ଦିନ ଜମ୍ବୁବତୀ ଦେବୀଙ୍କ ଯଶ ଓ ଖ୍ୟାତି ବଢ଼ିବାକୁ ଲାଗିଲା ।

୧୯୩୨ ମସିହା ଜାନୁୟାରୀରେ ଭାରତୀୟ ଜାତୀୟ କଂଗ୍ରେସର ଆହ୍ୱାନକ୍ରମେ କଂଗ୍ରେସ ମହାଅଧିବେଶନ ଅନୁଷ୍ଠିତ ହେବାର ସ୍ଥିରୀକୃତ ହେଲା । ସେତେବେଳେ ବାଲିଟିକିରା ନିବାସୀ ଫକୀର ବେହେରାଙ୍କର ଏକ ବାସଭବନ ଥିଲା ବରଗଡ଼ଠାରେ । କଂଗ୍ରେସ ସେବା ଦଳର ତାଲିମ୍ କାର୍ଯ୍ୟ ପାଇଁ ଫକୀର ବାବୁ ସେଇ ବାସଭବନକୁ ପ୍ରଦାନ କଲେ । ଦୟାନନ୍ଦ ଶତପଥୀଙ୍କ ନେତୃତ୍ୱ ଓ ସକ୍ରିୟ କମାଣ୍ଡରସିପ୍‌ରେ ପ୍ରଶିକ୍ଷଣ ଶିବିର ଆରମ୍ଭ ହେଲା । ସେତେବେଳେ ଜମ୍ବୁବତୀ ଦେବୀ ଆଶ୍ରମର ମାଆ ରୂପରେ ଦୟାନନ୍ଦବାବୁଙ୍କ ସାହାଯ୍ୟ କରୁଥିଲେ ଓ ନିଜେ ମଧ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇ ଶିକ୍ଷାପ୍ରାପ୍ତ ହୋଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିବିରାର୍ଥୀମାନେ କିଭଳି ଭବିଷ୍ୟତ ସତ୍ୟାଗ୍ରହ ସଂଗ୍ରାମ ଜାରି ରଖିବେ ସେଥି ସକାଶେ ଓ ଭବିଷ୍ୟତ କାର୍ଯ୍ୟକ୍ରମ ସକାଶେ ବିଭିନ୍ନ ପନ୍ଥା ନିର୍ଦ୍ଧାରଣ କରିବା ପାଇଁ ଶିକ୍ଷା ଲାଭ କରିଥିଲେ ।

ଜମ୍ବୁବତୀ ଦେବୀ ଧାରଣ କଲେ କେଶରିଆ ବସ୍ତ୍ର । ବରଗଡ଼ର ନାରୀ ଶକ୍ତିକୁ ସଙ୍ଗଠିତ କରି ସ୍ୱାଧୀନତା ସଂଗ୍ରାମ ଓ ସତ୍ୟାଗ୍ରହ ସମ୍ପର୍କରେ ଅବଗତ କରାଇ ଜାତୀୟ ଭାବନାରେ କଲେ ଉଦ୍‌ବୁଦ୍ଧ ।

କଂଗ୍ରେସର ପ୍ରଶିକ୍ଷଣ ଶିବିର ମାସ ମାସ ଧରି ଚାଲିଲା । ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ନୀତି ନିର୍ଦ୍ଧାରଣ କରାଗଲା । କଂଗ୍ରେସର ସମସ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରୁଥିଲେ ଫକୀର ବେହେରା, କୃତାର୍ଥ ଆଚାର୍ଯ୍ୟ, ଜନ୍ମେଜୟ ପୂଜାରୀ ଓ ବାସୁଦେବ ସରାଫ୍ ପ୍ରମୁଖ ।

ପ୍ରତିଦିନ ସକାଳେ ଶିବିରାର୍ଥୀଙ୍କ ପ୍ରଭାତ ଫେରି କରାଯାଉଥିଲା । ଦୟାନନ୍ଦ ଶତପଥୀଙ୍କ ନେତୃତ୍ୱରେ ବରଗଡ଼ର ବିଭିନ୍ନ ସ୍ଥାନରେ ପଡ଼ି ରହିଥିବା ଅଳିଆ ଆବର୍ଜନା ସଫେଇ, ବନ୍ଧର ଚାରିକଡ଼େ ଥିବା ମଇଳା ସଫେଇ ଆଦି ସଂସ୍କାର ମୂଳକ ତଥା ସାମାଜିକ ଉନ୍ନୟନମୂଳକ କାର୍ଯ୍ୟ ଆଦି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କଂଗ୍ରେସ କର୍ମୀଙ୍କ କାର୍ଯ୍ୟର ଅନ୍ତର୍ଭୁକ୍ତ ଥିଲା ।

୧୯୩୨ ମସିହା ଜାନୁୟାରୀ ୩ ତାରିଖରେ ପୁରୀରେ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ଜାତୀୟ କଂଗ୍ରେସର ମହାଅଧିବେଶନରେ ଯୋଗ ଦେବା ପାଇଁ ମନ ଉଦ୍‌ବେଳିତ ହେଉଥାଏ ଜମ୍ବୁବତୀ ଦେବୀଙ୍କ । ଜମ୍ବୁବତୀ ଦେବୀଙ୍କ ସହ ସେଇ ଦିନ ଦୟାନନ୍ଦ ଶତପଥୀଙ୍କ ନେତୃତ୍ୱରେ ଏକ ସେବା ଦଳ ବାହାରିଲେ କଂଗ୍ରେସ ଅଧିବେସନ ଅଭିମୁଖେ । ପ୍ରଥମେ ସମସ୍ତେ ବିନିକାରୁ ନାଆରେ ଚଢ଼ି କଟକ ଅଭିମୁଖେ ଯାତ୍ରା କଲେ । ନାଆରେ ଶୋଭା ପାଉଥିଲା ଏକ ବିଶାଳ ଧ୍ୱଜଦଣ୍ଡ ସହ ତ୍ରିରଙ୍ଗା



Scanned by CamScanner

ପତାକା । ଚତୁର୍ଦିଗ ଝଙ୍କୃତ ହେଉଥିଲା ରାଷ୍ଟ୍ରୀୟ ସଙ୍ଗୀତ ଓ କଂଗ୍ରେସର ଜୟଧ୍ୱନିରେ । ସଭିଙ୍କ ମନରେ ଗଭୀର ଆଗ୍ରହ ଓ ଅପୂର୍ବ ଉତ୍ସାହ । ହୃଦୟ କନ୍ଦରରେ ଜାତୀୟ ଭାବନା ବହନ କରି ସମସ୍ତେ ଚାଲିଛନ୍ତି ପୁରୀ କଂଗ୍ରେସ ଅଧିବେଶନରେ ଯୋଗ ଦେବାକୁ । ମାଆ ଜମ୍ବୁବତୀ ଦେବୀଙ୍କ ସ୍ନେହପୂର୍ଣ୍ଣ ବାର୍ତ୍ତାଳାପ ସଭିଙ୍କ ମନ ପ୍ରାଣରେ ଇଂରେଜ ସରକାର ପରୀରେ ଅନୁଷ୍ଠିତ ହେବାକୁ ଥିବା କଂଗ୍ରେସର ଅଧିବେଶନକୁ ବେଆଇନ ଘୋଷିତ କରିଛନ୍ତି । ତେଣୁ ବରଗଡ଼ ଓ ସମ୍ବଲପୁର ଯାଇଥିବା କଂଗ୍ରେସ ସେବା ଦଳ କଟକର ଜୈନ ମନ୍ଦିରରେ ରହି କଟକ ସହରର ସତ୍ୟାଗ୍ରହ ଆରମ୍ଭ କରିଦେଲେ । ଏଇ ସମୟରେ ଜମ୍ବୁବତୀ ଦେବୀ ରହିଲେ କଟକର ମହାନଦୀ କୂଳେ କୂଳେ ଥିବା ରମାଦେବୀ ବାସଭବନରେ । ସେଠି ରମାଦେବୀ ଘରେ ଅବସ୍ଥାନ କାଳରେ ଜମ୍ବୁବତୀ ଦେବୀଙ୍କ ପରିଚୟ ହେଲା ମାଳତୀ ଚୌଧୁରୀ ଓ ସରଳାଦେବୀଙ୍କ ସହ ।

ସତ୍ୟାଗ୍ରହୀ ରମାଦେବୀ ଚୌଧୁରୀଙ୍କ, ମାଳତୀ ଚୌଧୁରୀ ଓ ସରଳାଦେବୀଙ୍କ ସତ୍ୟାଗ୍ରହ ଆନ୍ଦୋଳନ ଓ ସଙ୍ଗଠନ କାର୍ଯ୍ୟ ସମ୍ବନ୍ଧରେ ଅନେକ କଥା ଜାଣିବାକୁ ପାଇଲେ ଜମ୍ବୁବତୀ ଦେବୀ । ଜମ୍ବୁବତୀ ଦେବୀଙ୍କ ସଂଗ୍ରାମୀ ଜୀବନର ଓ ସତ୍ୟାଗ୍ରହ ଆନ୍ଦୋଳନର ପ୍ରେରଣାଦାତ୍ରୀ ହେଲେ ରମାଦେବୀ ଚୌଧୁରୀ ।

ସଂଗ୍ରାମୀ ଭାଗିରଥି, ଜମ୍ବୁବତୀ ଦେବୀ ଓ ପୁତ୍ର ପ୍ରଫୁଲ୍ଲ ସତ୍ୟାଗ୍ରହ ଆନ୍ଦୋଳନରେ ଅଂଶଗ୍ରହଣ କରି ପ୍ରଥମ ପର୍ଯ୍ୟାୟରେ କାରାବରଣ କରିଥିଲେ । ଫକୀର ବେହେରାଙ୍କ ଘରେ ଅବସ୍ଥାନ କାଳରେ ବରଗଡ଼ରେ ତା ୮।୭।୧୯୩୨ ଦିନ ଦ୍ୱିତୀୟ ପର୍ଯ୍ୟାୟ ସତ୍ୟାଗ୍ରହ ଆନ୍ଦୋଳନର ନେତୃତ୍ୱ ନେଲେ ଜମ୍ବୁବତୀ ଦେବୀ । ମହିଳାମାନଙ୍କୁ ସଙ୍ଗଠିତ କରି ବିଭିନ୍ନ ସ୍ଥାନରେ ସଭାସମିତିମାନ ଓ ପ୍ରତିବାଦ ସଭାମାନ ତାଙ୍କରି ନେତୃତ୍ୱରେ ଅନୁଷ୍ଠିତ ହେଲା । ମହିଳା ସଙ୍ଗଠନ ଜମ୍ବୁବତୀ ଦେବୀଙ୍କ ନେତୃତ୍ୱରେ ଆହୁରି ସକ୍ରିୟ ହୋଇ ଉଠିଲେ । ବରଗଡ଼ରେ ସତ୍ୟାଗ୍ରହ ଆନ୍ଦୋଳନର ନେତୃତ୍ୱ ନେଉଥିଲା ବେଳେ ଗିରଫ ହେଲେ ଜମ୍ବୁବତୀ । ତାଙ୍କ ସଙ୍ଗେ ଗିରଫ ହେଲେ ସଂଗ୍ରାମୀ ଭାଗିରଥି, ଫକୀର ବେହେରା, ବାସୁଦେବ ସରାଫ, ପ୍ରେମଶଙ୍କର ପଟ୍ଟନାୟକ, ପ୍ରଫୁଲ୍ଲ ପଟ୍ଟନାୟକ, ମଧୁସୂଦନ ସରାଫ, ସର୍ବେଶ୍ୱର ଦୋରା ଓ ସୂର୍ଯ୍ୟ ସୁନାରୀ ପ୍ରମୁଖ । ଗିରଫ ହେବା ପରେ ପରେ ଜମ୍ବୁବତୀ ଦେବୀ ରହିଲେ ସମ୍ବଲପୁର ଜେଲରେ । ଅନ୍ୟ ସମସ୍ତଙ୍କୁ ପଠାଇ ଦିଆଗଲା ପାଟଣା କେମ୍ପ ଜେଲକୁ ।

ସମ୍ବଲପୁର ଜେଲରେ ଥିବାବେଳେ ଜମ୍ବୁବତୀ ଦେବୀ ଅନେକ ସଂସ୍କାରମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ । ସମ୍ବଲପୁର ଜେଲରେ ସାଧାରଣ ଅପରାଧିନୀ ବନ୍ଦୀମାନଙ୍କ ସହ ତାଙ୍କୁ ରହିବାକୁ ପଡ଼ିଥିଲା । ଅପରାଧିନୀ ବନ୍ଦୀମାନଙ୍କୁ ଅପରିଚ୍ଛନ୍ନତା, ମୁଣ୍ଡ, ନଖ, ଦାନ୍ତ ଆଦି ମଇଳା, ଅଶ୍ଳୀଳ ଭାଷାରେ ପରସ୍ପରକୁ ଦୋଷାରୋପ ଓ ମୁଣ୍ଡର କେଶ ଟଣାଟଣି କରି ଗାଳିଗୁଲଜ ହେବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇ ସାରିଥିଲା । ସେଇଭଳି ଏକ ପରିଚ୍ଛନ୍ନ ପରିବେଶ ଭିତରେ ଜମ୍ବୁବତୀ ଦେବୀ ଖାପ୍ ଖୁଆଇ ଚଳିବା ସମ୍ଭବପର ନ ଥିଲା । ମାତ୍ର ସେଇମାନଙ୍କ ଗହଣରେ ଦୀର୍ଘ ଦେଢ଼ମାସ ରହିବାକୁ ପଡ଼ିଲା ଜମ୍ବୁବତୀ ଦେବୀଙ୍କୁ । ସେ ମନେ ମନେ ଚିନ୍ତା କଲେ- ଏଇ ସାଧାରଣ ଅପରାଧୀନୀ ବନ୍ଦୀମାନଙ୍କ ମଧ୍ୟରେ ପ୍ରଥମେ ସଂସ୍କାର ଆଣିବାକୁ ହେବ । ସଂସ୍କାର ନ ଆସିଲେ ସଂଗ୍ରାମ ବା ସଙ୍ଗଠନ କାର୍ଯ୍ୟ ସମ୍ଭବ ନୁହେଁ । ସାଧାରଣ ବନ୍ଦୀନୀମାନଙ୍କୁ ପ୍ରତିଦିନ ଦିଆଯାଉଥିବା ବଗଡ଼ା ଚାଉଳ ଚୋପାମିଶା ଡାଲି ସଫା କରାଇବାର କାମ ହାତକୁ ନେଲେ ପ୍ରଥମେ ଜମ୍ବୁବତୀ ଦେବୀ ଜେଲର କର୍ମଚାରୀମାନଙ୍କୁ କହି । ଜେଲ୍‌କୁ ଅଣା ହେଲା ଢିଙ୍କିଟିଏ । ଢିଙ୍କିରେ ଚାଉଳ କୁଟି ଓ ଡାଲି ଚୋପାକୁ ଛଡ଼ାଇ ଜେଲରେ ସାଧାରଣ ବନ୍ଦୀମାନଙ୍କୁ ସଫା ଚାଉଳର ଭାତ ଓ ଡାଲି ଦେବାର ବ୍ୟବସ୍ଥା କରାଗଲା । ସମସ୍ତଙ୍କର ମୁଣ୍ଡର ଉକୁଣୀ, ନଖ-ଦାନ୍ତ ଆଦି ପରିଷ୍କାର ହେଲା । ଅପରାଧିନୀ ବନ୍ଦୀ ମହିଳାମାନେ ଜମ୍ବୁବତୀ ଦେବୀଙ୍କ ନେତୃତ୍ୱରେ କାମ କରି ପ୍ରଭୁତ ଆନନ୍ଦ ଲାଭ କଲେ । ଜମ୍ବୁବତୀ ଦେବୀ ହେଲେ ସେଇ ଅପରାଧିନୀ ବନ୍ଦୀମାନଙ୍କର ପରମ ପୂଜନୀୟା ଓ ଭକ୍ତିର ପାତ୍ରୀ । ଜେଲର କର୍ମଚାରୀମାନେ ଏଭଳି ପରିବର୍ତ୍ତନ ଦେଖି ଆଶ୍ଚର୍ଯ୍ୟ ହେଲେ । ଜେଲର କର୍ମଚାରୀ ଓ ଅପରାଧିନୀ ବନ୍ଦୀମାନଙ୍କ ଦୃଷ୍ଟିରେ ଜମ୍ବୁବତୀ ଦେବୀ ହେଲେ ପରମ ପୂଜନୀୟା ପରମ ବନ୍ଦନୀୟା ।

ଇଂରେଜ ସରକାର ଭାରତବର୍ଷର ଜନସାଧାରଣଙ୍କ ଭିତରେ ବିଭେଦ ସୃଷ୍ଟି କରିବା ପାଇଁ ବାରମ୍ବାର ମସୁଧା ଚଳାଇଥିଲେ । ଏହିଭଳି ଏକ ବିଭେଦକାରୀ ଆଇନ ପ୍ରଣୟନ



Scanned by CamScanner

କଲେ ଗୋରା ସରକାର- ଯହିଁରେ ବିଶାଳ ହିନ୍ଦୁ ସଂପ୍ରଦାୟରୁ ସାତକୋଟି ହରିଜନଙ୍କୁ ପୃଥକ୍ କରି ଦିଆଯାଇଥିଲା । ଇଂରେଜ ସରକାରଙ୍କ ଏଭଳି ଚକ୍ରାନ୍ତକୁ ଭଣ୍ଡୁର କରିବା ପାଇଁ ଗାନ୍ଧିଜୀ ଜେଲ୍ ଭିତରେ ଥାଇ ଆରମ୍ଭ କଲେ ଅନଶନ । ଦୀର୍ଘ ୨୧ ଦିନ ପରେ ଗାନ୍ଧିଜୀଙ୍କ ଅନଶନର ଅବସାନ ହେଲା ୧୯୩୩ ମସିହା ମଇ ୨୯ ତାରିଖ ଦିନ ।

ଏହି ଐତିହାସିକ ଅନଶନର ଅବସାନ ପରେ ନିଜ ନେତୃତ୍ୱରେ ଚଳାଇ ରଖିଥିବା ସତ୍ୟାଗ୍ରହ ଆନ୍ଦୋଳନକୁ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଗାନ୍ଧିଜୀ ଏ ବୈପ୍ଳବିକ ଚିନ୍ତାଧାରା ପୋଷଣ କଲେ । ଭାରତବର୍ଷର ବିଭିନ୍ନ ସ୍ଥାନରେ ସତ୍ୟାଗ୍ରହ ଆନ୍ଦୋଳନରେ ଜଡ଼ିତ ଥିବା ସତ୍ୟାଗ୍ରହୀ ସଂଗ୍ରାମୀମାନଙ୍କ ମନର ଭାବ ଓ ଦମ୍ଭକୁ ପରଖିବା ପାଇଁ ଯେଉଁ କଂଗ୍ରେସ କର୍ମୀମାନଙ୍କ କାରାବରଣ କରିଥିଲେ ସେଇମାନଙ୍କ ଲାଗି ସେ ବ୍ୟକ୍ତିଗତ ସତ୍ୟାଗ୍ରହର କଥା କହିଲେ । ତେଣୁ ଗାନ୍ଧିଜୀ ୧୯୩୩ ମସିହା ଅଗଷ୍ଟ ପହିଲାରେ ସାବରମତୀ ଆଶ୍ରମକୁ ବନ୍ଦ କରି ଆଗାମୀ ଆନ୍ଦୋଳନରେ ତାଙ୍କରି ବିନା ନେତୃତ୍ୱରେ ବ୍ୟକ୍ତିଗତ ସତ୍ୟାଗ୍ରହ ଘୋଷଣା କଲେ ଓ କହିଲେ- "ଯେଉଁମାନେ ସତ୍ୟାଗ୍ରହ ଆନ୍ଦୋଳନର ଯୋଗ ଦେଇ ଥରେ ଦୁଇଥର କାରାବରଣ କରିଛନ୍ତି ଓ ଜେଲରୁ ମୁକ୍ତ ହେବା ପରେ ଘରେ ବସି ରହିଛନ୍ତି, ଏହା ଜଣେ ଚେତନଶୀଳ ସଂଗ୍ରାମୀ ପକ୍ଷରେ ଠିକ୍ କଥା ନୁହେଁ । ଜେଲ୍‌ରୁ ମୁକ୍ତି ଲାଭ କରି ଫେରିବା ଅର୍ଥ ନୁହେଁ ଏ ଦେଶର ମୁକ୍ତି ଲାଭ ହୋଇଛି । ଯେଉଁ ସତ୍ୟାଗ୍ରହ ସଂଗ୍ରାମୀ ବନ୍ଧୁମାନେ ଘରେ ଚୁପ୍ ହୋଇ ବସି ରହିଛନ୍ତି, ସେମାନଙ୍କ ପାଇଁ ଏହା ହେବ ପରୀକ୍ଷାର ମୁହୂର୍ତ୍ତ । ମୁଁ ଏଣୁ ଏବିକି ସତ୍ୟାଗ୍ରହ ଆନ୍ଦୋଳନର ନେତୃତ୍ୱ ନେବି ନାହିଁ । ବ୍ୟକ୍ତିଗତ ଭାବରେ ଆମକୁ ସତ୍ୟାଗ୍ରହ ଆନ୍ଦୋଳନ କରିବାକୁ ହେବ । ଯେଉଁମାନେ ଚାହିଁବେ ବ୍ୟକ୍ତିଗତ ଭାବରେ ସତ୍ୟାଗ୍ରହ ସଂଗ୍ରାମ କରିପାରିବେ ।"

ଗାନ୍ଧିଜୀଙ୍କ ଏଇ ଆହ୍ୱାନ ଥିଲା ସମସ୍ତ ସତ୍ୟାଗ୍ରହୀମାନଙ୍କ ପାଇଁ ବିରାଟ ଆହ୍ୱାନ । ସତ୍ୟାଗ୍ରହ ସଂଗ୍ରାମୀଙ୍କ ଦୃଢ଼ ମନୋବଳ ଓ ସଂକଳ୍ପ ଶକ୍ତି ପରୀକ୍ଷାରେ ଏହା ଥିଲା କଠିନ ମୁହୂର୍ତ୍ତ । ଗାନ୍ଧିଜୀଙ୍କ ଆହ୍ୱାନ ଦେଶର ବିଭିନ୍ନ ସ୍ଥାନରେ ଯାଇ ପହଞ୍ଚିଲା । ଖବର କାଗଜମାନଙ୍କରେ ପ୍ରକାଶ ପାଇଲା । ଗାନ୍ଧିଙ୍କ ଆହ୍ୱାନକୁ ଦୈନିକ 'ସମାଜ' ଖବରକାଗଜରୁ ପଢ଼ି ଶୁଣାଇଲେ ସଂଗ୍ରାମୀ ଭାଗିରଥି ନିଜ ପରିବାରରେ । କହିଲେ- ଗାନ୍ଧିଜୀଙ୍କ ପୁଣି ଆହ୍ୱାନ ଆସିଛି - ବ୍ୟକ୍ତିଗତ ସତ୍ୟାଗ୍ରହ ପାଇଁ । ଆଉ ବିଶ୍ରାମ ନେବାର ଅବକାଶ ନାହିଁ । ଆମକୁ ପୁଣି ଥରେ ଆନ୍ଦୋଳନରେ ଯୋଗ ଦେବାକୁ ହେବ ।

ଗାନ୍ଧିଜୀଙ୍କ ଆହ୍ୱାନ ସଂଗ୍ରାମୀ ଭାଗିରଥି ଓ ଜମ୍ବୁବତୀ ଦେବୀଙ୍କ ମନ ପ୍ରାଣରେ ନୂତନ ଜାଗରଣ ସୃଷ୍ଟି କଲା । ଭାଗିରଥି, ଜମ୍ବୁବତୀ ଦେବୀ ଓ ପ୍ରଫୁଲ୍ଲ ପଟ୍ଟନାୟକ ସେପ୍ଟେମ୍ବର ୨୧ ତାରିଖ ଦିନ ବରଗଡ଼ଠାରେ ଆଇନ ଅମାନ୍ୟ ଆନ୍ଦୋଳନ କରିବାର ଦୃଢ଼ ନିଷ୍ପତ୍ତି ସରକାରଙ୍କୁ ଜଣାଇଲେ । ବରଗଡ଼ରେ ବ୍ୟକ୍ତିଗତ ଭାବରେ ସତ୍ୟାଗ୍ରହ ସଂଗ୍ରାମରେ ଯୋଗ ଦେଇ ସେପ୍ଟେମ୍ବର ୨୨, ୧୯୩୩ରେ ଗିରଫ ହେଲେ ସଂଗ୍ରାମୀ ଭାଗିରଥି, ଜମ୍ବୁବତୀ ଦେବୀ ଓ ପୁତ୍ର ପ୍ରଫୁଲ୍ଲ । ଜମ୍ବୁବତୀ ଦେବୀଙ୍କୁ ପାଞ୍ଚ ମାସ ସଶ୍ରମ କାରାଦଣ୍ଡ ଭୋଗ କରିବାକୁ ପଡ଼ିଲା । ଏହା ସହିତ ସଂଗ୍ରାମୀ ଭାଗିରଥିଙ୍କୁ ୬ ମାସ ଓ ପୁତ୍ର ପ୍ରଫୁଲ୍ଲଙ୍କୁ ୪ ମାସ ଜେଲ୍ ଦଣ୍ଡ ହେଲା ଓ ବାପପୁଅଙ୍କୁ ପଠାଇ ଦିଆଗଲା ପାଟଣା କ୍ୟାମ୍ପ ଜେଲକୁ । ମାତ୍ର ଜମ୍ବୁବତୀ ଦେବୀଙ୍କୁ ପଠାଗଲା ଭାଗଲପୁର ସେଣ୍ଟ୍ରାଲ୍ ଜେଲ୍‌କୁ ।

ଭାଗଲପୁର ସେଣ୍ଟ୍ରାଲ ଜେଲ୍‌ରେ ସେତେବେଳେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗ ଦେଇ ଗିରଫ ହୋଇ ଆସିଥିଲେ ସରଳା ଦେବୀ । ସରଳାଦେବୀଙ୍କ ସହ ଜମ୍ବୁବତୀ ଦେବୀଙ୍କର ହେଲା ପ୍ରଥମ ସାକ୍ଷାତ୍ । ସରଳାଦେବୀ ଓ ଜମ୍ବୁବତୀ ଦେବୀ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଉଭୟେ ଅହରହ ସୂତା କାଟିବା କାମରେ ଓ ଅଧ୍ୟୟନରେ ଅଧିକାଂଶ ସମୟ ଅତିବାହିତ କରିବାକୁ ଲାଗିଲେ । ସରଳା ଦେବୀଙ୍କ ସ୍ନେହ, ସାନ୍ନିଧ ଓ ଜୀବନ ଶୈଳୀ ଜମ୍ବୁବତୀଙ୍କ ଜୀବନରେ ଗଭୀର ରେଖାପାତ କଲା ।

ଏଇଭଳି ଏକ ସମୟରେ ବିହାରରେ ସୃଷ୍ଟି ହେଲା ଏକ ଅଭୂତପୂର୍ବ ପ୍ରଳୟଙ୍କରୀ ଭୂମିକମ୍ପ । ସେଦିନ ଥିଲା ଜାନୁୟାରୀ ୧୫, ୧୯୪୩ । ଭୂମିକମ୍ପ ଯୋଗୁଁ ଦୋହଲି ଉଠିଲା କ୍ଷଣକ



Scanned by CamScanner

ପାଇଁ ପୃଥିବୀର ଛାତି । ହଜାର ହଜାର ସଂଖ୍ୟାରେ ଲୋକ ମୃତ୍ୟୁବରଣ କଲେ । ଚାରିଆଡ଼େ ହାଁହୁତାଶ, ଭୟ ଓ ଆତଙ୍କ । ବିହାରର ମୁଙ୍ଗେର୍ ସହରଟି ସମ୍ପୂର୍ଣ୍ଣ ଭାବେ ଧ୍ୱସ୍ତ ବିଧ୍ୱସ୍ତ । ପକ୍କା ଘର ସବୁ ଧୂଳିସାତ୍ ହୋଇ ସାରିଥିଲା । ମାତ୍ର ଯେଉଁ କେତୋଟି କୁଡ଼ିଆ ଘର ଥିଲା, ସେଗୁଡ଼ିକ ଚିକିତ୍ସାଳୟରେ ପରିଣତ ହୋଇ ସାରିଥିଲା । ବିହାରର ଜନସାଧାରଣଙ୍କ ଏ ଦୁଃଖ ଦୁର୍ଦ୍ଦଶା ଓ ବୁକୁଫଟା କ୍ରନ୍ଦନ ଜମ୍ବୁବତୀ ଦେବୀଙ୍କ ପ୍ରାଣରେ ଗଭୀର ଆଲୋଡ଼ନ ସୃଷ୍ଟି କଲା । ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଓ ଆର୍ତ୍ତଚିତ୍କାର ଦେଖି ଜମ୍ବୁବତୀ ଦେବୀଙ୍କ ଆଖି ଦିଓଟି ଲୁହ ଛଳ ଛଳ ହୋଇଉଠିଲା । ପ୍ରଳୟଙ୍କାରୀ ଭୂମିକମ୍ପ ଯୋଗୁଁ ହଜାର ହଜାର ସଂଖ୍ୟାରେ ମଣିଷମାନଙ୍କ ଶବ ପଡ଼ି ରହିଥିଲା । ଫଳରେ ଶବ ପଚିସଢ଼ି ଯାଇ ମହାମାରୀର ଆତଙ୍କ ସୃଷ୍ଟି କଲା । ମନରେ ଅଶେଷ ଦମ୍ଭ ନେଇ ଜମ୍ବୁବତୀ ଦେବୀ ଭୂମିକମ୍ପ ପୀଡ଼ିତ ରୋଗୀଙ୍କ ସେବା କରିବାକୁ ଚାହିଁଲେ । ଡାକ୍ତର ଓ ନର୍ସମାନଙ୍କ ପରାମର୍ଶ କ୍ରମେ ମୁଙ୍ଗେର କେମ୍ପରେ ରହି ଜମ୍ବୁବତୀ ଦେବୀ ରୋଗୀମାନଙ୍କ ସେବା ଶୁଶ୍ରୂଷାରେ ସମ୍ପୂର୍ଣ୍ଣ ଭାବରେ ନିଜକୁ ନିୟୋଜିତ କଲେ । ହାତ ଗୋଡ଼ ଜଖମ୍ ହୋଇ ଖଣ୍ଡିଆ ଖାବରା ହୋଇ ଯାଇଥିବା ରୋଗୀମାନଙ୍କ ସେବା କରି ପ୍ରଭୂତ ଆନନ୍ଦ ଓ ପରମ ତୃପ୍ତି ଲାଭ କଲେ ଜମ୍ବୁବତୀ ଦେବୀ । ଏ ପଟେ ସଂଗ୍ରାମୀ ଭାଗିରଥି ନିକଟସ୍ଥ ଗ୍ରାମମାନଙ୍କରେ ରହି ଲୋକଙ୍କ ରହିବା ପାଇଁ କୁଡ଼ିଆ ଘର ତିଆରିରେ ନିଜକୁ ନିୟୋଜିତ କଲେ ଓ ଶ୍ରୀ ମୂର୍ଖାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ପ୍ରଫୁଲ୍ଲ ପଟ୍ଟନାୟକ ଭଉର ଭାଗଲପୁର ବନଗାଁଠାରେ ରିଲିଫ୍ କେମ୍ପରେ ରହି କାର୍ଯ୍ୟ କଲେ ।

ରିଲିଫ୍ କେମ୍ପର ସଭାପତି ଦେଶରତ୍ନ ରାଜେନ୍ଦ୍ର ପ୍ରସାଦ, ସାଧାରଣ ସମ୍ପାଦକ ଅନୁଗ୍ରହ ନାରାୟଣ ସିଂ ଓ କାର୍ଯ୍ୟାନନ୍ଦ ଶର୍ମା ଓଡ଼ିଶାର ଏହି ତିନିଜଣଙ୍କ ସେବା କାର୍ଯ୍ୟ ଦେଖି ମୁଗ୍ଧ ହେଲେ ଓ ପ୍ରଶଂସାସୂଚକ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ସେବା କାଳରେ ଜମ୍ବୁବତୀ ଦେବୀ ପ୍ରଥମ ଥର ପାଇଁ ମୁଙ୍ଗେରଠାରେ ଜାତିର ପିତା ମହାତ୍ମାଗାନ୍ଧି ଓ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଦର୍ଶନ ଓ ସାହଚର୍ଯ୍ୟ ଲାଭ କରିଥିଲେ । ମୁଙ୍ଗେରଠାରେ ଭୂକମ୍ପ ପୀଡ଼ିତ ଜନତାଙ୍କ ସେବା ଲାଗି ଆୟୋଜିତ ସଭାସ୍ଥଳରେ ଗାନ୍ଧିଜୀ ଓ ପଣ୍ଡିତ ନେହେରୁଙ୍କ ସହ ଉପସ୍ଥିତ ଥିଲେ ଜମ୍ବୁବତୀ ଦେବୀ । ଗାନ୍ଧିଜୀଙ୍କ ଦର୍ଶନ ଓ ବାଣୀ ଜମ୍ବୁବତୀ ଦେବୀଙ୍କ ପ୍ରାଣରେ ନବ ଜୀବନ ସଂଚାର କଲା । ଏ ଦେଶର ମୁକ୍ତି ସଂଗ୍ରାମ ପାଇଁ ଅଶେଷ ପ୍ରେରଣା ପ୍ରଦାନ କରିଥିଲା ।

ମୁଙ୍ଗେରରୁ ଗାନ୍ଧିଜୀ ଆସିଲେ ଭାଗଲପୁର । ଗାନ୍ଧିଜୀ ଯେଉଁ ଷ୍ଟିମରରେ ବସି ଭାଗଲପୁର ଆସି ପହଞ୍ଚିଲେ, ସେହି ଷ୍ଟିମର୍‌ରେ ତାଙ୍କ ସହ ଥିଲେ ସଂଗ୍ରାମୀ ଭାଗିରଥି ଜମ୍ବୁବତୀ ଦେବୀ । ବିହାରର କ୍ରାନ୍ତିକାରୀ ନେତା ଶ୍ରୀ ଦୀପ୍ ନାରାୟଣ ସିଂହ ଘରେ ଗାନ୍ଧିଜୀ ଅବସ୍ଥାନ କରୁଥିଲେ । ଗାନ୍ଧିଜୀଙ୍କ ସହ ଜମ୍ବୁବତୀ ଦେବୀ ଓ ସଂଗ୍ରାମୀ ଭାଗିରଥି ମଧ୍ୟ ଦୀପ୍ ନାରାୟଣ ସିଂହଙ୍କ ଘରେ ଆତିଥ୍ୟ ଗ୍ରହଣ କରିଥିଲେ । ଭାଗଲପୁରଠାରେ ଅନୁଷ୍ଠିତ ଏକ ସାର୍ବଜନୀନ ସଭାରେ ଗାନ୍ଧିଜୀ ଉଦ୍‌ବୋଧନ ଦେଲେ । ଗାନ୍ଧିଜୀଙ୍କ ସେ ଦିନର ବକ୍ତବ୍ୟ ଜମ୍ବୁବତୀ ଦେବୀ ଓ ପୁତ୍ର ପ୍ରଫୁଲ୍ଲଙ୍କ ଜୀବନରେ ଅସ୍ପୃଶ୍ୟତା ନିବାରଣ ବିଷୟରେ ଏକ ନୂତନ ପଥ ପ୍ରଦର୍ଶନ କରିଥିଲା । ଗାନ୍ଧିଜୀ କହୁଥିଲେ– "ହରିଜନମାନଙ୍କୁ ଘୃଣା କର ନାହିଁ । ମଣିଷ ମଣିଷ ଭିତରେ ଅସ୍ପୃଶ୍ୟ ଭେଦଭାବ ନ ରହୁ । ଜାତି ଜାତି ମଧ୍ୟରେ , ଧର୍ମ ଧର୍ମ ମଧ୍ୟରେ କୌଣସ ଭେଦ ଭାବ ରଖ ନାହିଁ । ହରିଜନମାନଙ୍କ ପାଖକୁ ଯାଅ । ଆପଣା ପ୍ରାଣର ଶ୍ରଦ୍ଧା ଓ ଅନୁରାଗ ଦେଇ ସେମାନଙ୍କୁ ଆପଣାର କର । ସମାଜରେ ଅନ୍ୟ ସବୁ ଜାତିର ମଣିଷଙ୍କ ଭଳି ସମାନ ସୁବିଧା ସୁଯୋଗ ଲାଭ କରନ୍ତୁ ।"

ମହାତ୍ମାଗାନ୍ଧିଙ୍କ ଏଇ କେଇ ପଦ କଥାରେ ଖୁବ୍ ପ୍ରଭାବିତ ହୋଇ ପଡ଼ିଥିଲେ ଜମ୍ବୁବତୀ ଦେବୀ । ମନେ ମନେ ସଂକଳ୍ପ ନେଲେ ଆଦିବାସୀ ଜନ କଲ୍ୟାଣ କାର୍ଯ୍ୟ ହାତକୁ ନେବା ପାଇଁ । ଏଇ ସଂକଳ୍ପ ମନରେ ଧାରଣ କରି ଜମ୍ବୁବତୀ ଦେବୀ ଓ ସଂଗ୍ରାମୀ ଭାଗିରଥି ଫେରିଲେ ଝାରସୁଗୁଡ଼ାକୁ । ବାଟରେ ପ୍ରଫୁଲ୍ଲଙ୍କୁ ଦେଓଘର ହିନ୍ଦୀ ବିଦ୍ୟାପୀଠର ଛାତ୍ରାବାସରେ ରଖି ଦେଇ ଆସିଲେ ।

ଗାନ୍ଧିଜୀଙ୍କ ଝାରସୁଗୁଡ଼ା ଆସିବାର କାର୍ଯ୍ୟକ୍ରମ ଥାଏ । ତେଣୁ ଗାନ୍ଧିଜୀଙ୍କ ଆଗମନ ପାଇଁ ପୂର୍ବ ପ୍ରସ୍ତୁତିରେ ଲାଗିପଡ଼ିଲେ ସଂଗ୍ରାମୀ ଭାଗିରଥି ଓ ଜମ୍ବୁବତୀ ଦେବୀ । ଗାନ୍ଧିଜୀଙ୍କୁ ପାଛୋଟି ଆଣିବା ପାଇଁ ଜମ୍ବୁବତୀ ଦେବୀ ମୁଣ୍ଡାପଡ଼ାର ମହିଳାମାନଙ୍କୁ ସଙ୍ଗଠିତ କରି ଯାଇ ପହଞ୍ଚିଲେ ଝାରସୁଗୁଡ଼ା ରେଳ ଷ୍ଟେସନରେ । ସେଦିନ ଥିଲା ୧୯୩୪ ମସିହା ମଇ ୪ ତାରିଖ । ରାତ୍ର ୩ଘ.



Scanned by CamScanner

ସମୟରେ ମହାତ୍ମାଗାନ୍ଧି ଝାରସୁଗୁଡ଼ା ରେଳ ଷ୍ଟେସନରେ ପହଞ୍ଚିଲେ । ଷ୍ଟେସନ୍‌ରେ ଗାନ୍ଧିଜୀ ଜମ୍ବୁବତୀ ଦେବୀଙ୍କୁ ଦେଖି ଚିହ୍ନି ପାରିଲେ । ଜମ୍ବୁବତୀ ଦେବୀ ଗାନ୍ଧିଜୀଙ୍କ ସହ ବିହାରୀରାମଙ୍କ ମାଆ ତୁଳସୀ ଦେବୀଙ୍କ ପରିଚୟ କରାଇଲେ । ପଶ୍ଚିମ ଓଡ଼ିଶାର ଦୁଇ ନାରୀ ସତ୍ୟାଗ୍ରହୀଙ୍କୁ ଦେଖି ଗାନ୍ଧିଜୀ ନିଜ ବେକରୁ ଦୁଇଟି ଫୁଲ ହାର କାଢ଼ି ଗୋଟିଏ ଜମ୍ବୁବତୀ ଦେବୀଙ୍କ ଗଳାରେ ଓ ଅନ୍ୟଟି ତୁଳସୀ ଦେବୀଙ୍କ ଗଳାରେ ପିନ୍ଧାଇ ଦେଲେ । ସମବେତ ଜନତା ମୁଗ୍ଧ ହୋଇ ଚାହିଁ ରହିଥିଲେ ଏଇ ଅଭାବନୀୟ ଦୃଶ୍ୟଟିକୁ । ବନ୍ଦେ ମାତରଂ ଧ୍ୱନିରେ ଓ ଭାରତମାତାଙ୍କ ଜୟ ଧ୍ୱନିରେ ସମଗ୍ର ପ୍ଲାଟ୍‌ଫର୍ମ ପ୍ରକମ୍ପିତ ହେଲା । ଗାନ୍ଧିଜୀ ପରେ ଉଭୟଙ୍କ କାନ୍ଧରେ ହାତ ଦେଇ ଆଗକୁ ଆଗକୁ ଅଗ୍ରସର ହେବାକୁ ଲାଗିଲେ ।

ଗାନ୍ଧିଜୀଙ୍କ ସମ୍ବଲପୁର ରହଣି କାଳରେ ଜମ୍ବୁବତୀ ଦେବୀ ଗାନ୍ଧିଜୀ ସହ ଅବସ୍ଥାନ କରି ତାଙ୍କ ସେବା ଶୁଶ୍ରୁଷା କରିବାର ପରମ ସୌଭାଗ୍ୟ ଅର୍ଜନ କରିଥିଲେ । ଗାନ୍ଧିଜୀଙ୍କ ସ୍ନେହ ଓ ସାନ୍ନିଧ୍ୟ ତାଙ୍କ ଜୀବନକୁ ଧନ୍ୟ କରିଥିଲା । ଗାନ୍ଧିଜୀଙ୍କ ଦର୍ଶନ ଓ ବାଣୀ ତାଙ୍କ ଜୀବନକୁ ପରିପୂର୍ଣ୍ଣ କରିଥିଲା । ଗାନ୍ଧିଜୀଙ୍କ ସହ ସାକ୍ଷାତ ଜମ୍ବୁବତୀ ଦେବୀଙ୍କ ଜୀବନ ଇତିହାସର ଏକ ଅବିସ୍ମରଣୀୟ ଅଧ୍ୟାୟ । ଏହା ହିଁ ଥିଲା ତାଙ୍କ ଜୀବନର ମହାର୍ଘ ମୁହୂର୍ତ୍ତ ବୋଲି ତାଙ୍କ ପରବର୍ତ୍ତୀ ଜୀବନରେ ସେ ଅନୁଭବ କରିଛନ୍ତି ।

ଭାଗଲପୁରଠାରେ ଅନୁଷ୍ଠିତ ଏକ ସାର୍ବଜନୀନ ସଭାରେ ଗାନ୍ଧିଜୀ ଅସ୍ପୃଶ୍ୟତା ସମ୍ପର୍କରେ ଯେଉଁ ଉଚ୍ଚକୋଟୀର ବକ୍ତବ୍ୟ ପ୍ରଦାନ କରିଥିଲେ, ତାହା ଜମ୍ବୁବତୀ ଦେବୀଙ୍କ ଜୀବନରେ ଗଭୀର ପ୍ରଭାବ ପକାଇ ପାରିଥିଲା । ସେ ମନେ ମନେ ସଂକଳ୍ପ ନେଲେ ଅସ୍ପୃଶ୍ୟତା ଦୂର କରି ଆଦିବାସୀମାନଙ୍କ ସେବା କରିବା ପାଇଁ । ତେଣୁ ୧୯୪୦ ମସିହାରେ ଠକ୍କର ବାପାଙ୍କର ଆଗ୍ରହ ଯୋଗୁଁ ଜମ୍ବୁବତ ଦେବୀ ସାନ୍ତାଳ ପ୍ରଗଣା ବିହାରରେ ରହି ଆଦିବାସୀ ଓ ହରିଜନମାନଙ୍କ ସେବାରେ ନିଜକୁ ସଂପୂର୍ଣ୍ଣ ରୂପେ ନିୟୋଜିତ କଲେ । ବିଶେଷ କରି ହରିଣବୁଡ଼ା ପାହାଡ଼, ଘୁମା ପାହାଡ଼ ଓ ପାଦର ପୋଲରେ ଥିବା ଆଦିବାସୀମାନଙ୍କ ସହ ମିଶି ସେମାନଙ୍କ ସେବା କାର୍ଯ୍ୟରେ ସମ୍ପୂର୍ଣ୍ଣ ରୂପେ ପ୍ରାଣପଣେ ଢାଳି ଦେଲେ ଆପଣାକୁ ଜମ୍ବୁବତୀ ଦେବୀ । ଏହିସବୁ ଗାଁମାନଙ୍କୁ ଯିବା ବେଳେ ଜମ୍ବୁବତୀ ଦେବୀଙ୍କ ମୁଣ୍ଡରେ ଥାଏ କିଆମୁଢ଼ିର ପୁଟୁଳି ଓ ଭାଗିରଥିଙ୍କ ହାତରେ ଥାଏଁ ଔଷଧପତ୍ର ଓ ଯାଦୁ, ଘାଉ ମଲମ । ଜମ୍ବୁବତୀ ଦେବୀଙ୍କ ସେବା କାର୍ଯ୍ୟରେ ଏକାବେଳେ ମୁଗ୍ଧ ହୋଇ ପଡ଼ିଥିଲେ ଠକ୍‌କର ବାପା, ପଣ୍ଡିତ ବିନୋଦାନନ୍ଦ ଝା ଓ ମେଡିଲାଲ କେଜରିୱାଲ । ଆମପଡ଼ାଠାରେ ଅବସ୍ଥାନ କାଳରେ ଉଭୟ ଜମ୍ବୁବତୀ ଦେବୀ ଓ ସଂଗ୍ରାମୀ ଭାଗିରଥିଙ୍କ ସେବାମୂଳକ କାର୍ଯ୍ୟମାନ, ବିଶେଷ କରି ଗ୍ରାମକୁ ଗ୍ରାମ ଯାଇ ଆଦିବାସୀମାନଙ୍କ ସେବା ଓ କଲ୍ୟାଣ କାର୍ଯ୍ୟ ତାଙ୍କୁ ଚିରଦିନ ପାଇଁ ଅବିସ୍ମରଣୀୟ କରି ରଖିଛି ।

ସାବରମତୀ ଆଶ୍ରମଠାରେ କଂଗ୍ରେସର କାର୍ଯ୍ୟକାରୀ କମିଟିର ବୈଠକ ବସିଲା । ବୈଠକରେ ନିଷ୍ପତ୍ତି ଅନୁସାରେ ଗାନ୍ଧିଜୀ ଡାକରା ଦେଲେ ଐତିହାସିକ 'ଭାରତଛାଡ଼ ଆନ୍ଦୋଳନ' ପାଇଁ । ଗାନ୍ଧିଜୀଙ୍କ ନେତୃତ୍ୱରେ ସମଗ୍ର ଭାରତବର୍ଷରେ ଭାରତଛାଡ଼ ଆନ୍ଦୋଳନକୁ ତୀବ୍ରତର ଓ ବ୍ୟାପକ କରିବ ପାଇଁ ଗାଁରେ ଗାଁରେ ନିଷ୍ପତ୍ତିମାନ ଗ୍ରହଣ କରାଗଲା । ଅଗଷ୍ଟ ୭ ଓ ୮ ତାରିଖରେ ବମ୍ବେ କଂଗ୍ରେସ ମହାଧିବେଶନ ଅନୁଷ୍ଠିତ ହେଲା । ଗାନ୍ଧିଜୀ ତାଙ୍କ ବକ୍ତବ୍ୟରେ ଭାରତର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ଦୃଢ଼ ସଂକଳ୍ପ ନେବା ପାଇଁ ଏକ ପ୍ରେରଣା ଯୋଗାଇଲା । ତାହା ଥିଲା- କରେଙ୍ଗେ ୟା ମରେଙ୍ଗେ (do or die) । ଏଇ ଭାରତଛାଡ଼ ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା- ଭାରତର ସ୍ୱାଧୀନତା ଲାଭ ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିବା ପଛକେ, ପ୍ରାଣବଳି ଦେବା ପଛକେ କିନ୍ତୁ ଇଂରେଜ ସରକାରଙ୍କ ନିକଟରେ ନତମସ୍ତକ ହେବା ନାହିଁ କି ଗୋଲାମୀ କରିବା ନାହିଁ ।

ମହାତ୍ମାଗାନ୍ଧିଙ୍କ ମର୍ମସ୍ପର୍ଶୀ ଭାଷଣ ଓ ବକ୍ତବ୍ୟ ଶୁଣି ଜମ୍ବୁବତୀ ଦେବୀ ମଧ୍ୟ ତାଙ୍କ ଜୀବନର ଅନ୍ତିମ ସମୟକୁ 'ଭାରତଛାଡ଼ ଆନ୍ଦୋଳନ'ରେ ଯୋଗ ଦେଇ ଅର୍ପିତ କରିବାକୁ ୧୯୪୨ ମସିହା ଜୁଲାଇ ୯ ତାରିଖ ଦିନ ବାହାରି ପଡ଼ିଲେ । ଜମ୍ବୁବତୀ ଦେବୀ ତାଙ୍କର ସହକର୍ମୀଣୀ ପ୍ରେମା ଦେବୀଙ୍କ ସହ ବାହାରି ପଡ଼ିଲେ ଦୁମ୍‌କା ଅଭିମୁଖେ । ଦୁମ୍‌କା ନଗରୀର ଅଧିବାସୀ ଥିଲେ ଖୁବ୍ ଶାନ୍ତଶିଷ୍ଟ । ସମଗ୍ର ଭାରତର କୋଣ ଅନୁକୋଣରେ ଇଂରେଜ



Scanned by CamScanner

ସରକାର ବିରୁଦ୍ଧରେ ଭାରତଛାଡ଼ ଆନ୍ଦୋଳନ ଧ୍ୱନି ପ୍ରତିଧ୍ୱନିତ ହେଉଥିବା ବେଳେ ଦୁମ୍କା ନଗରୀ ଥିଲା ଅତ୍ୟନ୍ତ ଶାନ୍ତ । ୧୯୪୨ ମସିହା ଅଗଷ୍ଟ ୧୭ତାରିଖ ଦିନ ଦୁମ୍କା ନଗରୀର କେତେକ ଛାତ୍ର ଓ ଯୁବକ ନିଷ୍ପତ୍ତି ନେଲେ ଜିଲ୍ଲା କୋର୍ଟ ଦାଖଲ କରିବା ପାଇଁ । ଏକ ବିରାଟ ଶୋଭାଯାତ୍ରାରେ ଆଗେ ଆଗେ ଝଣ୍ଡା ଧରି ଚାଲିବ କିଏ ? ଜିଲ୍ଲାକୋର୍ଟ ଦାଖଲ କରିବା ପାଇଁ ଏଇ ଆନ୍ଦୋଳନର ନେତୃତ୍ୱ ନେବ କିଏ ? ଜମ୍ବୁବତୀ ଦେବୀ ଯେଉଁଠି ରହୁଥିଲେ ସେଠାକୁ ଯାଇ କେତେକ ଯୁବକ ଜମ୍ବୁବତୀ ଦେବୀଙ୍କୁ ତାଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଲେ । ସବୁ ଶୁଣିବା ପରେ ଜମ୍ବୁବତୀ ଦେବୀ ଅସୁସ୍ଥତା ଅନୁଭବ କରୁଥିବା ସତ୍ତ୍ୱେ ଶୋଭାଯାତ୍ରାରେ ଆଗେ ଆଗେ ଚାଲିଲେ ସେ । ତାଙ୍କ ପଛେ ପ୍ରେମା ଦେବୀ, ଛାତ୍ର ଓ ଯୁବକମାନଙ୍କ କ୍ରାନ୍ତିକାରୀ ଶୋଭାଯାତ୍ରା । ଭାରତର ସର୍ବତ୍ର ଜଳି ଉଠିଲା ମହାବିପ୍ଳବର ବହ୍ନି । ଏଇ ସମୟରେ ପଣ୍ଡିତ ବିନୋଦାନନ୍ଦ ଝାଙ୍କ ଘରେ ଅବସ୍ଥାନ କରୁଥିଲେ ଜମ୍ବୁବତୀ ଦେବୀ । ତାଙ୍କରି ଘରେ ରହୁଥିବା ସମୟରେ ପଣ୍ଡିତ ବିନୋଦାନନ୍ଦ ଝାଙ୍କ ପତ୍ନୀ ପ୍ରମିଳା ଦେବୀଙ୍କ ଅଶେଷ ସ୍ନେହ ଓ ଭକ୍ତି ଲାଭ କରିଥିଲେ ଜମ୍ବୁବତୀ ଦେବୀ । ଜମ୍ବୁବତୀ ଦେବୀଙ୍କ ଘରେ ସବୁବେଳେ ଦେଶର କ୍ରାନ୍ତି ସମ୍ପର୍କରେ ଚାଲୁଥିବା ଆଲୋଚନା । ବିଭିନ୍ନ ସ୍ଥାନରୁ ବିଭିନ୍ନ ସମୟରେ ଆସୁଥିବା କ୍ରାନ୍ତକାରୀ ବିପ୍ଳବୀ ଯୁବକମାନଙ୍କର ଗୋପନୀୟ ରହଣିସ୍ଥଳ ଥିଲା ଜମ୍ବୁବତୀ ଦେବୀଙ୍କ ଘର । ଜମ୍ବୁବତୀ ଦେବୀ ମଧ୍ୟ ସେହି ସଂଗ୍ରାମୀମାନଙ୍କୁ ନିଜ ହାତରେ ରୋଷେଇ କରି ଆପ୍ୟାୟିତ କରିଥିଲେ ।

୧୯୪୨ ଅଗଷ୍ଟ ୨୩ ତାରିଖ ଦିନ ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ଦିବସ । ଏକ ବଡ଼ ଧରଣର ଆକ୍ରମଣ ଲାଗି ସାମରିକ ସଙ୍ଗଠନ ଗଢ଼ିଲେ ପ୍ରଫୁଲ୍ଲ ପଟ୍ଟନାୟକ । କେତେ ଜଣ ଯୁବକଙ୍କୁ ନେଇ ପ୍ରଫୁଲ୍ଲଙ୍କ ନେତୃତ୍ୱରେ ଗଠିତ ହେଲା ପାହାଡ଼ିଆ ବାହିନୀ । ଏହି ସମୟରେ ପ୍ରଫୁଲ୍ଲ ପଟ୍ଟନାୟକ ଓ ତାଙ୍କ ସାଥୀମାନଙ୍କୁ ଗୁଳି ମାରିଦେବାକୁ ନିର୍ଦ୍ଦେଶ ଦେଇଥିଲେ ଗୋରା ଇଂରେଜ ସରକାର । ଏକଥା ଶୁଣିବା ପରେ ମଧ୍ୟ ଜମ୍ବୁବତୀ ଦେବୀ ଧୈର୍ଯ୍ୟହରା ହୋଇ ନଥିଲେ । ସେ ଅସୀମ ସାହସର ସହିତ ବିପ୍ଳବୀଙ୍କୁ ଆଗେଇ ନେବାର ସକ୍ଷମ ହୋଇଥିଲେ । ଇତି ମଧ୍ୟରେ ଏକ ସମ୍ମୁଖ ଯୁଦ୍ଧରେ ଗିରଫ ହେଲେ ପ୍ରଫୁଲ୍ଲ ପଟ୍ଟନାୟକ ଓ ୨୧ ବର୍ଷ କାରାଦଣ୍ଡର ଆଦେଶ ମିଳିଲା । ପ୍ରଫୁଲ୍ଲ ପଟ୍ଟନାୟକ ଗିରଫ ହୋଇ ରହିଲେ ଦୁମ୍କା ଜେଲରେ । ଦୁମ୍କା ଜେଲରେ ବନ୍ଦୀ ହୋଇ ଥିବା ବେଳେ ତାଙ୍କ ସହିତ ଥିବା ତିନି ଶହ ରାଜବନ୍ଦୀଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ ଜମ୍ବୁବତୀ ଦେବୀ । ସଙ୍ଗରେ ନେଇଥିଲେ ଗୋଟିଏ ଭାର ପେଡ଼ା, ହାତପଙ୍ଖା ଓ ସାବୁନ୍ ଆଦି । ଜେଲରେ ଥିବା ସମସ୍ତ ବନ୍ଦୀ ଏଇ ବିପ୍ଳବିଣୀ ଜମ୍ବୁବତୀ ଦେବୀଙ୍କ ଜୟ ଜୟକାର କଲେ । ରାଜବନ୍ଦୀମାନଙ୍କ ଜୟଧ୍ୱନିରେ ସେଦିନ ଦୁମ୍କା ଜେଲ୍ ପରିସର ସହ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଲା । ଜେଲ୍‌ରେ ନିଜର ପ୍ରିୟପୁତ୍ର ପ୍ରଫୁଲ୍ଲଙ୍କ ମସ୍ତକରେ ସ୍ନେହାସିକ୍ତ ଚୁମ୍ବନଟିଏ ଆଙ୍କି ଦେଇ ଘରକୁ ଫେରିଲେ ଜମ୍ବୁବତୀ ଦେବୀ ।

ପୁତ୍ର ପ୍ରଫୁଲ୍ଲ ଦୁମ୍କା ଜେଲରେ ରହିବା ପରେ ଜମ୍ବୁବତୀ ଦେବୀ ଫେରିଲେ ଘରକୁ । ସେତେବେଳେ ସେ ଅବସ୍ଥାନ କରୁଥିଲେ ପଣ୍ଡିତ ବିନୋଦାନନ୍ଦ ଝାଙ୍କ ଘରେ । ପଣ୍ଡିତ ବିନୋଦାନନ୍ଦ ଝାଙ୍କ ବାସଭବନରେ ନାରୀ ସତ୍ୟାଗ୍ରହୀମାନଙ୍କ କ୍ରାନ୍ତିକାରୀ ବିପ୍ଳବ ସମ୍ପର୍କରେ ବରାବର ଆଲୋଚନା ଚାଲିଥାଏ । ସେତେବେଳକୁ ଜମ୍ବୁବତୀ ଦେବୀ ପଦାର୍ପଣ କରିଥିଲେ ୫୭ ବର୍ଷ ବୟସରେ । ଅଧିକାଂଶ ସମୟରେ ଦେହ ଅସୁସ୍ଥ । ତଥାପି ମନର ସତ୍ତ୍ୱ ଓ ସାହସ ତ୍ରୁଟି ନାହିଁ । ଅପୂର୍ବ ଆଗ୍ରହ ଓ ଉତ୍ସାହରେ ଚାଲିଥାଏ ସଂଗ୍ରାମୀ ଜୀବନର ଆଲୋଚନା ।

ସେଦିନ ଥିଲା ୧୯୪୩ ମସିହା ଜୁଲାଇ ୧୫ ତାରିଖ ଜମ୍ବୁବତୀ ଦେବୀ ବିନୋଦାନନ୍ଦ ଝାଙ୍କ ଘରେ ଥିଲେ । ମଧ୍ୟାହ୍ନ ଭୋଜନ ପରେ ସେ ପାନ ଖଣ୍ଡେ ଲେଖାଏଁ ନାରୀସତ୍ୟାଗ୍ରହୀମାନଙ୍କୁ ଦେଇ ଆପ୍ୟାୟିତ କଲେ । ମାତ୍ର ଏହି ସମୟରେ ଦେଶର କ୍ରାନ୍ତି ସଂପର୍କରେ ଆଲୋଚନା କରୁଥିବା ବେଳେ ଛାତିରେ ସାମାନ୍ୟ କଷ୍ଟ ଅନୁଭବ କଲେ ଜମ୍ବୁବତୀ ଓ ଚିରଦିନ ପାଇଁ ଢଳି ପଡ଼ିଲେ ସଂଗ୍ରାମୀ ସାଥୀ ପ୍ରମିଳାଦେବୀଙ୍କ କୋଳରେ ।

ଚତୁର୍ଦ୍ଦିଗ ଅନ୍ଧକାର । ସମସ୍ତେ ସ୍ତବ୍ଧ, ନୀରବ, ନିଥର । ନିର୍ବାପିତ ହେଲା ଏକ ଉଜ୍ଜ୍ୱଳ ଦୀପଶିଖା । ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ଭାରତର ମୁକ୍ତି ସଂଗ୍ରାମର ପ୍ରଜ୍ୱଳିତ ଦୀପଶିଖା ତାଙ୍କ



Scanned by CamScanner

ଅତରରୁ ଅନ୍ତର୍ହିତ ହୋଇ ନଥିଲା । ସମଗ୍ର ଜୀବନକାଳ ଭାରତମାତାର ସେବା କାର୍ଯ୍ୟରେ ନିୟୋଜିତ କରି ସେ ପାଇଥିଲେ ତୃପ୍ତି । ତାଙ୍କରି ସ୍ୱାଧୀନଚେତା ମନ ଓ ସଂଗ୍ରାମୀ ମନୋଭାବ ଯୋଗୁଁ ସେ ସମଗ୍ର ଭାରତବର୍ଷରେ ଚିରସ୍ମରଣୀୟ ହୋଇ ରହିବେ ।

ଜମ୍ବୁବତୀ ଦେବୀ ନିଜ ସଂଗ୍ରାମୀ ଜୀବନକାଳରେ ଦୃଢ଼ ବନ୍ଧନରେ ବାନ୍ଧି ଦେଇଗଲେ ଓଡ଼ିଶା ଓ ବିହାରକୁ । ଓଡ଼ିଶାର ଏ ନିଭୃତ, ଅଜ୍ଞାନ, ଅପରିଚିତ ଏକ ପଲ୍ଲୀରେ +- ଜନ୍ମଗ୍ରହଣ କରିଥିଲେ ମଧ୍ୟ ନିଜର ସ୍ୱାଧୀନଚେତା ମନ ଓ ସଂଗ୍ରାମୀ ଜୀବନ ଯୋଗୁଁ ସେ କେବଳ ଓଡ଼ିଶା ନୁହେଁ ବିହାରର ମଧ୍ୟ ସାଧାରଣ ଜନତାଙ୍କ ହୃଦୟକୁ ଜୟ କରିପାରିଥିଲେ । ପଶ୍ଚିମ ଓଡ଼ିଶାର ଏଇ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ, ନାରୀନେତ୍ରୀ ଓ ସତ୍ୟାଗ୍ରହୀ ଜମ୍ବୁବତୀଙ୍କ ସଂଗ୍ରାମ, ସାଧନା ଓ ସଂଘର୍ଷମୟ ଜୀବନ କେବଳ ଓଡ଼ିଶାକୁ ନୁହେଁ ସମଗ୍ର ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଏକ ଅଲିଭା ସ୍ୱାକ୍ଷର ହୋଇ ରହିବ । ତାଙ୍କର ଜୀବନର ଜ୍ୟୋତି ସମଗ୍ର ନାରୀ ସମାଜକୁ କାଳକୁ କାଳ ଉଦ୍‌ବୁଦ୍ଧ କରୁଥିବ, ଉଦ୍ଦୀପିତ କରୁଥିବ ।

ଏସିଷ୍ଟାଣ୍ଟ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର
ମୋ- ୯୭୭୬୪୩୫୩୮୦

*ସହାୟକ ଗ୍ରନ୍ଥସୂଚୀ :*

୧) ଗଡ଼ତିଆ ରବୀନ୍ଦ୍ର, ମୁକ୍ତିପଥର ଯାତ୍ରୀ, ଭାଗୀରଥି ପଟ୍ଟନାୟକ ସ୍ମୃତି ସମିତି, ବରପାଲି, ପ୍ରଥମ ପ୍ରକାଶ ୧୯୮୩
୨) କୁମାର ହସନ, ଅଗ୍ନିପଥ ଅଗ୍ନିପଥ, ପ୍ରଥମ ପ୍ରକାଶ ୧୯୯୭
୩) ବାଗ୍ ସୁଶୀଳ କୁମାର, ବରଗଡ଼ ପରିଚୟ (ସଂପାଦନା) ବରପାଲି ବରପୁତ୍ର ପ୍ରକାଶନ କମିଟି, ପ୍ରଥମ ପ୍ରକାଶ ୨୦୧୦



Scanned by CamScanner